بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ଖଣ୍ଡ 6 | ସଂଖ୍ୟା 02

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

14 ଜାନୁୟାରୀ 2021 | 14 ସୁଲାହ୍ 1400 ହି.ଶ | 29 ଜମାଦିଲ୍ ଅୱ୍ୱଲ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا كُوۡنُوۡا قَوّٰمِيۡنَ بِالۡقِسۡطِ شُهَدَآءَ لِلّٰهِ وَلَوۡ عَلٰٓى اَنۡفُسِكُمۡ اَوِ الۡوَالِدَيۡنِ وَالۡاَقۡرَبِيۡنَ ۚ

(النساء:136)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ବିଚାରରେ ସଂପୁର୍ଣ୍ଣ ଭାବେ ସୁଦୃଢ଼ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ ।

*(ନିସା: ୧୩୬)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ:ବ ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର ଅ:ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ:ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଅଲ୍ଲାଃ କଦାପି କୌଣସି ସମ୍ପ୍ରଦାୟର ଅବସ୍ଥାରେ ସେ ପର୍ଯ୍ୟନ୍ତ ପରିବର୍ତନ କରନ୍ତି ନାହିଁ ଯେ ପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତନ କରି ନାହାନ୍ତି ।**

**ଖୁଦାତାଲାଙ୍କ ନିକଟରେ ଶରଣ ନିଅ ଏବଂ ଦୃଢ଼ ନିୟମିତତାର ସହିତ ନମାଜ ପାଠ କର । ମନେରଖନ୍ତୁ ନମାଜ ପସଙ୍ଗରେ କୌଣସି ରିହାତି ନାହିଁ ଏପରିକି ପୈଗମ୍ବରମାନଙ୍କୁ ମଧ୍ୟ ରିହାତି ନାହିଁ**

## ହଜରତ ମସିହ ମଉଦ ଆ:ସ ଙ୍କ ନୀତି ବାଣୀ

### କର୍ତୃପକ୍ଷ ଆଜ୍ଞା ପାଳନ କରିବାକୁ ନିର୍ଦ୍ଦେଶ

ପବିତ୍ର କୁର୍‌ଆନ୍‌ରେ ଏ ନିର୍ଦ୍ଦେଶ ରହିଛି: **ଅତିଉଲ୍ଲାହା ୱ ଅତିଉର୍ ରସୁଲା ୱ ଉଲିଲ୍ ଅମ୍‌ରେ ମିନ୍‌କୁମ୍ (ନିସାଆ:୬୦) ଅର୍ଥାତ: ଅଲ୍ଲାଃଙ୍କର ଆଦେଶ ପାଳନ କର ଏବଂ ତାହାଙ୍କ ପ୍ରେରିତ ରସୁଲଙ୍କର ତଥା ତୁମମାନଙ୍କ ମଧ୍ୟରେ ଥିବା କର୍ତୃପକ୍ଷଙ୍କର ଆଦେଶ ପାଳନ କର ।** ଦେଖନ୍ତୁ ଏଠାରେ କର୍ତୃପକ୍ଷଙ୍କୁ ମାନିବା ପାଇଁ ନିର୍ଦ୍ଦେଶ ରହିଛି । ଯଦି କିଏ ଏକଥା କହେ କି ସରକାର "ମିନ୍‌କୁମ" ମଧ୍ୟରେ ଅନ୍ତର୍ଭୁକ୍ତ ନୁହନ୍ତି ବୋଲି ତେବେ ଏହା ତା'ର ଭୂଲ ବୁଝାମଣା । ସରକାରଙ୍କର ଯେଉଁ କଥା ଶରିୟତ ସହିତ ମେଳ ଖାଉଥିବ ତାହା "ମିନ୍‌କୁମ୍" ମଧ୍ୟରେ ଅନ୍ତର୍ଭୁକ୍ତ । ଯିଏ ଆମର ବିରୋଧ କରେନାହିଁ ସେ ଆମ ମଧ୍ୟରେ ଅନ୍ତର୍ଭୁକ୍ତ । ପବିତ୍ର କୁର୍‌ଆନ୍‌ର ଶିକ୍ଷାରୁ ଏହା ପ୍ରମାଣିତ ହେଉଅଛି ଯେ ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବା ଉଚିତ ଓ ସରକାରଙ୍କ ଆଜ୍ଞା ପାଳନ କରିବା ଆମର କର୍ତବ୍ୟ ।

### ସମୃଦ୍ଧିର ମାର୍ଗକୁ ଗ୍ରହଣ କରନ୍ତୁ

ପୂଣ୍ୟକର୍ମ ଏବଂ ଧର୍ମ ପରାୟଣତା ପ୍ରତି ଧ୍ୟାନ ଦେବା ଉଚିତ ଏବଂ ସମୃଦ୍ଧିର ମାର୍ଗକୁ ଗ୍ରହଣ କରିବା ଉଚିତ ତେବେ ଯାଇ କିଛି ହାସଲ କରିପାରିବା । ପବିତ୍ର କୁର୍‌ଆନ୍ କୁହେ: **ଇନ୍ନଲ୍ଲାହା ଲା ୟୁଗୟିରୁ ମା ବିକୌମିନ୍ ହତ୍ତା ୟୁଗୟିରୁ ମା ବିଅନ୍‌ଫୁସିହିମ୍** (ରାଆଦ୍:୧୨) ଅର୍ଥାତ: ଅଲ୍ଲାଃ କଦାପି କୌଣସି ସମ୍ପ୍ରଦାୟର ଅବସ୍ଥାରେ ସେ ପର୍ଯ୍ୟନ୍ତ ପରିବର୍ତନ କରନ୍ତି ନାହିଁ ଯେ ପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତନ କରି ନାହାନ୍ତି ।........ ଏବେ ଏହା ଅତ୍ୟନ୍ତ ଆବଶ୍ୟକ ଯେ ଲୋକମାନେ ଈଶ୍ୱରଙ୍କ ଆଡ଼କୁ ମୁହାନ୍ତୁ, ନମାଜ ପାଠ କରନ୍ତୁ, ଜକାତ ଦିଅନ୍ତୁ ଏବଂ ଅନ୍ୟମାନଙ୍କ ଅଧିକାରକୁ ଛଡ଼ାଇନେବା ଓ କୁକର୍ମରୁ ଦୁରେଇଯାଆନ୍ତୁ । ଏକଥା ସ୍ୱଷ୍ଟ ରୂପେ ପ୍ରମାଣିତ ଯେ ଯେତେବେଳେ ଜଣେ ଦୁଷ୍କର୍ମ କରିଥାଏ ସେତେବେଳେ ସେ ବସବାର କରୁଥିବା ଘର ଓ ସହରର ଧ୍ୱଂସର କାରଣ ହୋଇଥାଏ । ତେଣୁ ମନ୍ଦ କାର୍ଯ୍ୟକୁ ପରିତ୍ୟାଗ କର କାରଣ ଏହା ବିନାଶର କାରଣ ହୋଇଥାଏ ।

### ନମାଜକୁ ନିୟମିତ ପାଠକର

ଖୁଦାତାଲାଙ୍କ ନିକଟରେ ଶରଣ ନିଅ ଏବଂ ଦୃଢ଼ ନିୟମିତତାର ସହିତ ନମାଜ ପାଠ କର । ବେଳେବେଳେ ଲୋକମାନେ କେବଳ ଗୋଟିଏ ବେଳା ନମାଜ ପଢ଼ିନେଇଥାନ୍ତି କିନ୍ତୁ ମନେରଖନ୍ତୁ ନମାଜ ପସଙ୍ଗରେ କୌଣସି ରିହାତି ନାହିଁ ଏପରିକି ପୈଗମ୍ବରମାନଙ୍କୁ ମଧ୍ୟ ରିହାତି ନାହିଁ । ଗୋଟିଏ ହଦିସ୍‌ରେ ଆସିଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଗୋଟିଏ ନୂଆ ଯମାତ୍ (ଗୋଷ୍ଠି) ଆସି ନମାଜ ପଢ଼ିବା ପାଇଁ ରିହାତି ଚାହିଁଲା । ଏଥିରେ ମହାଭାଗ ସ:ଆ:ସ କହିଲେ ଯେ ଯେଉଁ ଧର୍ମରେ ଅମଲ୍ ଅର୍ଥାତ କର୍ମ ନାହିଁ ସେ ଧର୍ମ କିଛି ନୁହେଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୩୮-୨୪୦ ପ୍ରକାଶନ୨୦୧୮ କାଦିୟାନ)*

**ଆପଣ ଏକଥା କାହିଁକି କହୁଛନ୍ତି ଯେ ଯଦି ଇଏ ଧର୍ମ ସେବାରେ ଲାଗିରହେ ତେବେ ନିଜ ଭାଇର ଦାନରେ ଗୁଜୁରାଣ ମେଂଟାଇବ । ଆପଣ ଏକଥା କାହିଁକି କହୁନାହାନ୍ତି ଯେ ଯଦି ଇଏ ଧର୍ମ ସେବା କରିବ ତେବେ ତା ବଦଳରେ ଅଲ୍ଲାଃ ତାଲା ତା ଭାଇଙ୍କ ରୋଜଗାରରେ ମଧ୍ୟ ବର୍‌କତ୍ ସୃଷ୍ଟି କରିଦେବ**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି: ମୋର ମନେ ଅଛି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ ର:ଅଙ୍କ ସମୟରେ ଯେବେ ମୀର୍ ମୁହମ୍ମଦ ଇସ୍‌ହାକ୍ ସାହେବଙ୍କ ତାଲିମ୍‌ର ସମୟ ଆସିଲା (ମୀର୍ ସାହେବ୍ ମୋଠାରୁ ବର୍ଷେ ଆଠମାସର ଛୋଟ ଥିଲେ) ସେତେବେଳେ ଆମ ଅଜା ହଜ୍‌ରତ୍ ଖଲିଫା ଅୱ୍ୱଲ୍ ର:ଅଙ୍କଠାରୁ ପରାମର୍ଶ ନେଲେ ଯେ ତାଙ୍କୁ (ଅର୍ଥାତ ମୀର୍ ଇସ୍‌ହାକ୍ ସାହେବଙ୍କୁ) କଣ ପଢ଼ାଇବେ । ମହାଭାଗ କହିଲେ ତାଙ୍କୁ ଧର୍ମ ଶିକ୍ଷା ଆହାରଣ କରାନ୍ତୁ । ଏଥିରେ ଆମ ନାନାଜାନ୍ (ଅଜା) ନିଜ ଆତୁ ବା ନାନି (ଆଈ)ଙ୍କ ତରଫରୁ କହିଲେ ଯେ ତେବେ ତ ପୁଣି ଇଏ ନିଜର ଭାଇର ଦାନରେ ଗୁଜୁରାଣ ମେଂଟାଇବ । ଯେତେବେଳେ ସେ ଏକଥା କହିଲେ ସେତେବେଳେ ହଜ୍‌ରତ୍ ଖଲିଫା ଅୱ୍ୱଲ୍ ର:ଅ କହିଲେ ବେଳେବେଳେ ପ୍ରଭୁ ଜଣଙ୍କୁ ଅନ୍ୟ ଜଣଙ୍କ ପାଇଁ ରୁଟିର ବନ୍ଦୋବସ୍ତ କରିଥାଏ । ଆପଣ ଏକଥା କାହିଁକି କହୁଛନ୍ତି ଯେ ଯଦି ଇଏ ଧର୍ମ ସେବା କାର୍ଯ୍ୟରେ ଲାଗିରହେ ତେବେ ନିଜ ଭାଇର ଦାନରେ ଗୁଜୁରାଣ ମେଂଟାଇବ ବୋଲି । ଆପଣ ଏକଥା କାହିଁକି କହୁନାହାନ୍ତି ଯେ ଯଦି ଇଏ ଧର୍ମର ସେବା କରିବ ତେବେ ତା ପ୍ରତିବଦଳରେ ଅଲ୍ଲାଃ ତାଲା ତା ଭାଇଙ୍କ ରୋଜଗାରରେ ମଧ୍ୟ ବର୍‌କତ୍ ସୃଷ୍ଟି କରିଦେବ । ପୁଣି ମହାଭାଗ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କ ବିଷୟରେ ଶୁଣାଇଲେ ଯେ ଯେତେବେଳେ ସେ ଇସ୍‌ଲାମ୍ ଗ୍ରହଣ କଲେ ସେତେବେଳେ ତାଙ୍କ ମନ ଭିତରେ ପ୍ରବଳ ଇଚ୍ଛା ସୃଷ୍ଟି ହେଲା ଯେ ମୁଁ କିପରି ରସୁଲୁଲ୍ଲାଃ ସ:ଆ:ସଙ୍କ ମଜ୍‌ଲିସ୍‌ରେ ବସି ଆପଣ ସ:ଆ:ସଙ୍କ କଥା ଶୁଣିବି । ଅତଏବ ସେ ରାତି ଦିନ ମସ୍‌ଜିଦ୍‌ରେ ବସି ରହୁଥିଲେ କାରଣ ରସୁଲେ

## ନବୀ ସ:ଆ:ସଙ୍କ ବାଣୀ

### ନୀରବତା ଅବଲମ୍ବନ କରି ଧ୍ୟାନପୂର୍ବକ ଖୁତ୍‌ବା ଶୁଣିବାପାଇଁ ନିର୍ଦ୍ଦେଶ

(୯୩୪)ହଜ୍‌ରତ୍ ଅବୁ ହୁରୈରାଃ ର:ଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ: ଯୁମା ସମୟରେ ଯେତେବେଳେ ଇମାମ୍ ଖୁତ୍‌ବା ଦେଉଥିବ ସେତେବେଳେ ଯଦି ତୁମେ ତୁମ ସାଥିକୁ ଚୁପ୍ ରହିବା ପାଇଁ ପାଟିକରି କୁହ ତେବେ ତୁମେ ମଧ୍ୟ ଏକ ନିର୍ବୋଧ କଥା କହିଲ । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯୁମା)***

(୯୬୨) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ: ମୁଁ ରସୁଲୁଲ୍ଲାଃ ସ:ଆ:ସ, ହଜ୍‌ରତ୍ ଅବୁବକର୍ ର:ଅ, ହଜ୍‌ରତ୍ ଉମର୍, ର:ଅ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହିତ ଦୁଇଟି ଯାକ ଈଦ୍ ନମାଜ ପାଠ କରିଛି । ଏମାନେ ସମସ୍ତେ ଖୁତ୍‌ବା ପୂର୍ବରୁ ନମାଜ ପଢୁଥିଲେ ।

(୯୬୪)ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଈଦୁଲ୍ ଫିତର୍ ଦିନ ଦୁଇ ରେକାତ୍ ନମାଜ ପାଠ କଲେ ଏବଂ ମହାଭାଗ ନା ତା'ପୂର୍ବରୁ କୌଣସି (ନଫଲ୍ ନମାଜ) ପଢ଼ିଲେ ନା ପରେ ପଢ଼ିଲେ । ତା'ପରେ ମହାଭାଗ ମହିଳାମାନଙ୍କ ନିକଟକୁ ଆସିଲେ ଏବଂ ହଜ୍‌ରତ୍ ବିଲାଲ୍ ର:ଅ ଆପଣ ସ:ଆ:ସଙ୍କ ସହିତ ଥିଲେ । ମହାଭାଗ ସ:ଆ:ସ ମହିଳାମାନଙ୍କୁ ସଦ୍‌କା (ମହତ୍ ଦାନ) କରିବା ପାଇଁ ଆଦେଶ ଦେଲେ ଫଳତଃ ସେମାନେ ସଦ୍‌କା ଦେବାକୁ ଲାଗିଲେ । ଏହି ସଦ୍‌କାରେ କିଏ କାନଫୁଲ ଦେଲା ତ କିଏ ନିଜର ହାର ଦେଲା । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଇଦୈନ୍...... ୨୦୦୬)***

କରିମ୍ ସ:ଆ:ସ ଯେବେ ମଧ୍ୟ ବାହାରକୁ ବାହାରି କୌଣସି କଥା କୁହନ୍ତି ତାହା ଶୁଣିବାରୁ ସେ ବଂଚିତ ନ ରହନ୍ତୁ । ବହୁଳ ଭାବରେ ତାଙ୍କ ଦ୍ୱାରା ବର୍ଣ୍ଣିତ ରିୱାୟତ (କଥନ) ଗୁଡ଼ିକୁ ଦେଖି କିଛି ଲୋକେ ଭାବୁଛନ୍ତି ଯେ ହଜ୍‌ରତ୍ ଅବୁ ହୁରୈରାଃ ବହୁତ ପୁରୁଣା ସାହାବି ଥିଲେ ଯେବେ କି ସେ ପୁରୁଣା ସାହାବି ନଥିଲେ ବରଂ ରସୁଲେ୍ କରିମ୍ ସ:ଆ:ସଙ୍କ ମୃତ୍ୟୁର କେବଳ ତିନିବର୍ଷ ପୂର୍ବେ ଇମାନ୍ (ବିଶ୍ୱାସ) ଆଣିଥିଲେ କିନ୍ତୁ ସବୁଠାରୁ ଅଧିକା ରିୱାୟତ୍ ତାଙ୍କ ଦ୍ୱାରା ବର୍ଣ୍ଣିତ ରହିଛି । ବୋଧ ହୁଏ ଏହି କାରଣ ଯୋଗୁଁ ଲୋକମାନେ ପୁରୁଣା ସାହାବିମାନଙ୍କୁ ଜାଣିନାହାନ୍ତି କିନ୍ତୁ ଅବୁ ହୁରୈରାଃ ର:ଅଙ୍କୁ ଜାଣିଛନ୍ତି କାରଣ ହଦିସ୍‌ଗୁଡ଼ିକରେ ବାରମ୍ବାର ଆସୁଛି ଯେ ଅବୁ ହୁରୈରାଃ ଏକଥା କହିଛନ୍ତି, ଅବୁ ହୁରୈରାଃ ସେ କଥା କହିଛନ୍ତି । ସେ ବହୁତ ପରେ ଇସ୍‌ଲାମ୍ ଗ୍ରହଣ କରିଛନ୍ତି ସତ କିନ୍ତୁ ତାଙ୍କ ହୃଦୟରେ ଦୀନ୍ (ଧର୍ମ) ଶିକ୍ଷା ଗ୍ରହଣ କରିବାକୁ ପ୍ରବଳ ଉତ୍ସାହ ଥିଲା । ସେ ଇମାନ୍ ଆଣିବା ପରେ ରସୁଲେ୍ କରିମ୍ ସ:ଆ:ସଙ୍କ ମଜ୍‌ଲିସ୍ ସମ୍ବନ୍ଧରେ ଏ ପ୍ରତିଜ୍ଞା କରିନେଲେ ଯେ ଯେହେତୁ ଅନ୍ୟ ଲୋକମାନେ ମହାଭାଗଙ୍କର ବହୁତ କଥା ଶୁଣି ସାରିଛନ୍ତି ଓ ମତେ ଶେଷରେ ଇମାନ୍ ଆଣିବାର ସୌଭାଗ୍ୟ ଲାଭ ହୋଇଛି ତେଣୁ ମୁଁ ଏବେ ରସୁଲେ୍ କରିମ୍ ସ:ଆ:ସଙ୍କ ସଙ୍ଗତକୁ ଛାଡ଼ିବିନାହିଁ । ଅତଏବ ଯେଉଁଭଳି କୁରୈଶ୍ ମକ୍କାରେ ଆସି ବସିଯାଇଥିଲେ ସେହିପରି ସେ ମଧ୍ୟ ମସ୍‌ଜିଦ୍‌ରେ ଆସି ବସିଗଲେ ଓ ଏ ଶପଥ କରିନେଲେ ଯେ ଯେଉଁ ପ୍ରକାରେ ମଧ୍ୟ ହେଉ ମୁଁ ଦୀନ୍‌ର (ଧର୍ମର) ସେବା କରିବି । କୌଣସି ପ୍ରକାରର ସାଂସାରିକ କାର୍ଯ୍ୟ କରିବିନାହିଁ । ତାଙ୍କର ଜଣେ ଭାଇ ମଧ୍ୟ ମୁସଲମାନ ହୋଇ ସାରିଥିଲେ । ଯେହେତୁ ଇଏ ସବୁ ପ୍ରକାରର କାମଧନ୍ଦା ଛାଡ଼ି ରସୁଲେ୍ କରିମ୍ ସ:ଆ:ସଙ୍କ ସମୀପରେ ଆସି ବସିଯାଇଥିଲେ ତେଣୁ କିଛିଦିନ ପାଇଁ ସେ ନିଜ ଇମାନ୍‌ର ଜୋସ୍‌ରେ ନିଜ ଭାଇକୁ ଖାଦ୍ୟ ପହଂଚାଉଥିଲେ । ଆରବୀୟ ଲୋକମାନଙ୍କର ଜୀବନ ଶୈଳୀ ବହୁତ ସରଳ ଥିଲା । ସେମାନେ ଖଜୁରୀ ଖାଇ ପାଣି ପିଉ ନେଉଥିଲେ ଓ ତାହାକୁ ଖାଦ୍ୟ ରୂପେ ଯଥେଷ୍ଟ ମଣୁଥିଲେ ବା ଯଦି କେବେ ଶୁଖିଲା ମାଂସ ମିଳିଯାଏ ତେବେ ତାକୁ ଖାଇ ପାଣି ପିଇନେଉଥିଲେ । ଅତଏବ ସେମାନେ ବହୁତ ସାଧାସିଧା ସରଳ ଜୀବନ ଅତିବାହିତ କରୁଥିଲେ ତେଣୁ ତାଙ୍କୁ ଖାଦ୍ୟ ପହଂଚାଇବା କୌଣସି କଷ୍ଟକର କଥା ନଥିଲା । କିନ୍ତୁ କିଛି ଦିନ ପର୍ଯ୍ୟନ୍ତ ଇମାନ୍‌ର ଜୋସ୍‌ରେ ତାଙ୍କୁ ଖାଦ୍ୟ ପହଂଚାଇବା ପରେ ହଜ୍‌ରତ୍ ଅବୁ ହୁରୈରାଃଙ୍କ ଭାଇ ବିରକ୍ତ ହୋଇଗଲେ । (ହଜ୍‌ରତ୍ ଅବୁ ହୁରୈରାଃ ର:ଅ ଗୋଟିଏ ଇସାଇ ବଂଶରୁ ଆସିଥିଲେ ଏବଂ ତାଙ୍କ ମାଆ ମଧ୍ୟ ଇସାଇ ଥିଲେ) । ଦିନେ ସେ (ଅବୁ ହୁରୈରାଃଙ୍କ ଭାଇ) ବିରକ୍ତି ଭାବକୁ ପ୍ରକାଶ କରି ରସୁଲେ୍ କରିମ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଆପଣ ଅବୁ ହୁରୈରାଃ ର:ଅଙ୍କୁ କୁହନ୍ତୁ ଯେ ସେ କିଛି ରୋଜଗାର ମଧ୍ୟ କରୁ । ସେ ତ ଦିନ ତମାମ୍ ମସ୍‌ଜିଦ୍‌ରେ ବସି ରହିଛି ଓ କିଛି କାମଧନ୍ଦା କରୁନାହିଁ । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ତୁମକୁ କଣ ଜଣାଅଛି ଯେ ପ୍ରଭୁ ତାଙ୍କ ଯୋଗୁଁ ତୁମକୁ ମଧ୍ୟ ଜୀବିକା ଦେଉଥିବେ । ହଜ୍‌ରତ୍ ଖଲିଫା ଅୱ୍‌ଲ ର:ଅ ଏହି ଘଟଣାକୁ ଆମ ନାନାଜାନ୍‌ଙ୍କୁ ଶୁଣାଇଲେ । ଅତଏବ୍ ତା'ପରେ ନାନାଜାନ୍ ସାଂସାରୀକ ପାଠ ପଢ଼ାଇବାର ମନସ୍ଥକୁ ପରିତ୍ୟାଗ କରି ତାଙ୍କୁ ଏହି କାମରେ ଲଗାଇଦେଲେ । ***(ତଫ୍‌ସୀର୍ କବିର୍, ଖଣ୍ଡ- ୧୦, ପୃ-୧୧୬-୧୧୭......୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ସେହିଦିନ ମଧ୍ୟ ସେ ମସ୍‌ଜିଦ୍‌ରେ ଡ୍ୟୁଟି ଦେଇଥିଲା । ଅଲ୍ଲାଃ ତାଲା ତାଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନୀୟ ସ୍ୱର୍ଗତ ଡ଼ାକ୍ତର ଅବ୍‌ଦୁଲ୍ କରିମ୍ ସାହେବ ପିତା ଅବ୍‌ଦୁଲ ଲତିଫ ସାହେବ ରବୁୱାଙ୍କର ଯିଏ କି ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନର ଅବସରପ୍ରାପ୍ତ ଅର୍ଥନୀତି ଉପଦେଷ୍ଟା ଥିଲେ । ସେପ୍ଟେମ୍ବର ମାସ ୧୪ ତାରିଖ ଦିନ ୯୨ ବର୍ଷ ବୟସରେ ତାଙ୍କର ନିଧନ ହେଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ସ୍ୱର୍ଗତ ଡ଼ାକ୍ତର ଅବ୍‌ଦୁଲ୍ କରିମ୍ ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ମୁହମ୍ମଦ ଅଲୀ ସାହେବଙ୍କର ପୌତ୍ର ଥିଲେ । କାଦିୟାନ୍‌ର ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ର ପ୍ରଥମ ବ୍ୟାଚର ଛାତ୍ର ଥିଲେ । ଦେଶ ବିଭାଜନ ବେଳେ କଲେଜ୍ ସ୍ଥାନାନ୍ତରିତ ହେଲା ସେତେବେଳେ ସେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ର ଜଣେ ଛାତ୍ର ହିସାବରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଏମ୍.ଏ କରିଲେ ଏବଂ ସମଗ୍ର ବିଶ୍ୱବିଦ୍ୟାଳୟର ସେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ର ଏକ ମାତ୍ର ଛାତ୍ର ଥିଲେ । ପରବର୍ତୀ ପ୍ରାର୍ଯ୍ୟାୟରେ ସେ ଷ୍ଟେଟ ବ୍ୟାଙ୍କ ଅଫ୍ ପାକିସ୍ତାନ ତରଫରୁ ଛାତ୍ରବୃତି ପାଇଁ ଜର୍ଜ ୱାଶିଂଟନ୍ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ Ph.D ହାସଲ କରିବାପାଇଁ ଆମେରିକା ଚାଲିଯାଇଥିଲେ ଏବଂ ସେଠାରେ ମସ୍‌ଜିଦ୍ ଫଜଲ୍‌ରେ ମଧ୍ୟ ତାଙ୍କର ରହଣୀ ଥିଲା ଓ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିବାପରେ ସେ ତବ୍‌ଲିଗ୍ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ସ୍ୱର୍ଗତ ଡ଼ାକ୍ତର ଅବ୍‌ଦୁଲ୍ କରିମ୍ ସାହେବ ପାକିସ୍ତାନକୁ ବହୁତ ଭଲ ପାଉଥିଲେ ସେ ନିଜ କ୍ୟାରିୟର ଆନ୍ତର୍ଜାତିକ ବ୍ୟାଙ୍କ ଆଦି ଅନୁଷ୍ଠାନରେ ସ୍ଥାୟୀଭାବରେ କାର୍ଯ୍ୟ କରିବା ସତ୍ୱେ ମଧ୍ୟ ସର୍ବଦା ପାକିସ୍ତାନରେ ହିଁ ରହି କାର୍ଯ୍ୟ କରିବାକୁ ମନବଳାଇଥିଲେ । ସେ ଦୀର୍ଘ ବର୍ଷ ଧରି ଷ୍ଟେଟ ବ୍ୟାଙ୍କ ଅଫ୍ ପାକିସ୍ତାନରେ କାମ କରିଥିଲେ ଓ ଜଣେ ଉପଦେଷ୍ଟା ହିସାବରେ ସେ ଅବସର ନେଇଥିଲେ । ନିଜ ସମୟରେ ସେ IMF ଏବଂ ଏସିୟାନ୍ ଡ଼େଭଲ୍‌ପମେଂଟ ବ୍ୟାଙ୍କ ଭଳି ବଡ଼ ବଡ଼ ଅନୁଷ୍ଠାନ ମାନଙ୍କରେ ଅନେକ ରାଷ୍ଟ୍ରୟତ ଓ ଅଣରାଷ୍ଟ୍ରାୟତ ଆସାଇନ୍‌ମେଂଟ ସଫଳତାର ସହିତ ସମାପ୍ତ କରିଥିଲେ । ସେ ଆୟକର ବିଭାଗରେ ମଧ୍ୟ କିଛି କାଳ କାର୍ଯ୍ୟ କରିଥିଲେ ଏବଂ ଏକ ସଂଘୀୟ ଅଟକଳ ମଧ୍ୟ ତାଙ୍କ ନେତୃତ୍ୱରେ ପ୍ରଣୟନ ହୋଇଥିଲା । ଦୁଇବର୍ଷ ପାଇଁ IMF ତରଫରୁ ସୁଡାନ୍ ଦେଶରେ ଅର୍ଥନୈତିକ କ୍ଷତିଗ୍ରସ୍ତର ସମାଧାନ ଲାଗି ତାଙ୍କୁ ପ୍ରେରଣ କରାଯାଇଥିଲା ।

ଷ୍ଟେଟ୍‌ବ୍ୟାଙ୍କରୁ ଅବସର ଗ୍ରହଣ କରିବାପରେ ସେ ଯମାତ୍‌ର ସେବା କରିବା ଉଦ୍ଦେଶ୍ୟରେ ରବୁୱାଠାରେ ରହିଯାଇଥିଲେ ଏବଂ ରବୁୱାରେ ହିଁ ଅବସ୍ଥାନ କରିଥିଲେ ସୁତରାଂ ଅର୍ଥନୈତିକ ଏବଂ ଧର୍ମ ସମ୍ବନ୍ଧୀୟ ସମସ୍ୟା ସମ୍ମୁଖକୁ ଆସିବାମାତ୍ରେ ତାଙ୍କଠାରୁ ପରାମର୍ଶ ନିଆଯାଉଥିଲା । ଉପରୋକ୍ତ ଯେଉଁ କମିଟି ଗଠନ କରାଯାଇଥିଲା ମୁଁ ମଧ୍ୟ ତାଙ୍କଠାରୁ ପରାମର୍ଶ ନେଉଥିଲି । ସେ ଜଣେ ଉତମ ପରାମର୍ଶଦାତା ବ୍ୟକ୍ତିବିଶେଷ ଥିଲେ । ଏହି ପ୍ରସଙ୍ଗରେ ସେ ଭଲ ରଚନାମାନ ମଧ୍ୟ ଲେଖୁଥିଲେ ତାଙ୍କର ପ୍ରତ୍ୟେକ ଗବେଷଣା ମୂଳକ ରଚନା ଅନୁସନ୍ଧାନ ସମ୍ବଳିତ ଥିଲା ଏବଂ ବ୍ୟବହାରିକ ସମାଧାନ ଉପରେ ଆଧାରିତ ରହୁଥିଲା । ତାଙ୍କର ଲେଖନୀ ମଧ୍ୟରେ କେତେକ ଉଲ୍ଲେଖନୀୟ ପୁସ୍ତକ ମଧ୍ୟରେ "ଇସ୍‌ଲାମ୍ କି ବୁନିୟାତି ବାତେଁ" ଯାହାକି ଇଂରାଜୀରେ ରଚନା ରହିଛି ସେହିପରି ଇସ୍‌ଲାମ୍, ଫଲ୍‌ସଫାଏ ହୟାତ ଏବଂ ମାଆଶି ଉସୁଲ୍ ଆଦି ପୁସ୍ତକ ସେ ରଚନା କରିଛନ୍ତି । ତାଙ୍କର ଆଉ ଦୁଇଟି ପୁସ୍ତକ ହୁର୍‌ମତେ ସୁଦ୍ ଓ ହୁସୁଲେ ରିଜକ୍ ଆଦି ପୁସ୍ତକ ଉର୍ଦ୍ଦୁ ଭାଷାରେ ରଚିତ । ୧୯୮୯ ମସିହାରେ ସେ ଅବସର ନେବାପରେ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ଆହ୍ୱାନ କ୍ରମେ ୱକ୍‌ଫ ଅର୍ଥାତ ନିଜକୁ ଉତ୍ସର୍ଗ କରି ତାସ୍କେଣ୍ଟ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପକ ଲାଗି ଉଜ୍‌ବେକିସ୍ତାନକୁ ସେ ଚାଲିଯାଇଥିଲେ । ସେଠାରେ ସେ ଛଅ ମାସ ପର୍ଯ୍ୟନ୍ତ କର୍ତବ୍ୟ ସମ୍ପାଦନ କରିଥିଲେ । ଏହାପରେ ଖଲିଫତୁଲ୍ ମସିହ୍ ରାବେ ର:ଅ ଗୋଟିଏ କମିଟି ଗଠନ କରିଥିଲେ ଯାହା ବନ୍ଧକ ଅର୍ଥାତ ଋଣ ଓ ସୁଧ ଇତ୍ୟାଦି ପ୍ରସଙ୍ଗକୁ ସମାଧାନ କରିବାପାଇଁ ଓ ତା ଉପରେ ଧ୍ୟାନ ରଖିବାପାଇଁ ଗଠନ କରାଯାଇଥିଲା । ସେ କମିଟି ବିଦ୍ୱାନ ଓ ଅଭିଜ୍ଞମାନଙ୍କ ଦ୍ୱାରା ଗଠିତ ହୋଇଥିଲା । ଏହାର ଏକ ସବ୍‌କମିଟି ମଧ୍ୟ ଥିଲା ସେହି କମିଟିରେ ସେ ସଦସ୍ୟ ଥିଲେ ତାହାର ଆଉ ଏକ ସବ୍‌କମିଟି ରହିଥିଲା ଯେଉଁଥିରେ ସେ କିଛି କାଳ କାର୍ଯ୍ୟ ସମ୍ପାଦନ କରିଥିଲେ ମୁଁ ମଧ୍ୟ ସେଥିରେ କିଛି ଦିନ ତାଙ୍କ ସହିତ କାମ କରିଛି । ଯେପରି କି ମୁଁ ପୂର୍ବେ କହିଲି କି ସେ କୌଣସି ପ୍ରସଙ୍ଗରେ ଅତ୍ୟନ୍ତ ଗଭୀର ଭାବରେ ଓ ଅତ୍ୟନ୍ତ ଜରୁରୀ ସୁଚନା ଦେଉଥିଲେ । ଅତ୍ୟନ୍ତ ଦୃଢ଼ ପ୍ରମାଣ ସହିତ କଥାବାର୍ତା କରୁଥିଲେ ଅନେକ ସୁଦ୍ଧ ବ୍ୟବସ୍ଥା ଉପରେ ଭଲ ରଚନା ଲେଖି ମତେ ସେ ପ୍ରେରଣ କରିଥିଲେ ଏ ସମ୍ପର୍କରେ ଇନ୍‌ଶାଅଲ୍ଲାଃ ତାଲା ଆଗକୁ ଆଧିକ ଚର୍ଚ୍ଚା ମଧ୍ୟ ହେବ ଯେଉଁ ସୁଧ ବ୍ୟବସ୍ଥା ରହିଛି ତା ବିରୋଧରେ ଅର୍ଥାତ ତା ମୁକାବିଲାରେ ଯେଉଁ ଉତମ ବ୍ୟବସ୍ଥାକୁ ଉପସ୍ଥାପନ କରାଯିବାର ଅଛି ସେଥିରେ ତାଙ୍କର ପରାମର୍ଶକୁ ମଧ୍ୟ ସାମିଲ କରାଯିବ । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ଏବଂ ତାଙ୍କର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ତାଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀଗୁଡ଼ିକୁ ଅବ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏଠରେ ଉପସ୍ଥିତ ସମସ୍ତ ଲୋକମାନଙ୍କ ତୁଳନାରେ କମ ବୟସର ହେବା ସତ୍ୱେ ମଧ୍ୟ ମୁଁ ଆପଣଙ୍କୁ ସାହାଯ୍ୟ କରିବି । (ହଜ୍‌ରତ୍ ଅଲୀ ର:ଅ)

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ଆଧାତ୍ମିକ ଉତରାଧିକାରୀ (ଖଲିଫା ରାଶିଦ୍) ଏବଂ ଜ୍ୱାଇଁ ଅବୁ ତୁରାବ୍, ହଜ୍‌ରତ୍ ଅଲୀ ଅଲ୍‌ମୁର୍‌ତଜା ର:ଅଙ୍କ ସୁଗୁଣାବଳୀର ଚର୍ଚ୍ଚା

ଗୋଟିଏ ରିୱାୟତ୍ (କଥନ) ମୁତାବକ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଖଦିଜା ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବାର ଦ୍ୱିତୀୟ ଦିନ ନବୀ କରିମ୍ ସ:ଆ:ସ ଓ ହଜ୍‌ରତ୍ ଖଦିଜା ର:ଅଙ୍କୁ ନମାଜ ପାଠ କରିବାର ଦେଖିଲେ । ହଜ୍‌ରତ୍ ଅଲୀ ସେହି ରାତି ପାହିବା କ୍ଷଣି ଇସ୍‌ଲାମ୍ ଗ୍ରହଣ କରିନେଲେ । ସେତେବେଳେ ତାଙ୍କ ବୟସ ୧୩ ବର୍ଷ ହୋଇଥିଲା ।

---

ଚାରିଜଣ ମର୍‌ହୁମୀନ୍ (ମୃତକ) ମୋକରମ୍ ଡ଼ାକ୍ତର ତାହେର୍ ମେହ୍‌ମୁଦ୍ ସାହେବ୍ ଶହୀଦ୍ ମୁଢ଼ବଲୁଚାଂ ନନ୍‌କାନା ସାହେବ୍ ପାକିସ୍ତାନ, ମୋକରମ୍ ଯମାଲୁଦ୍ଦିନ୍ ମହ୍‌ମୁଦ୍ ସାହେବ୍ ଅଫ୍ ସିରିଆଲୋନ୍, ମୋହ୍‌ତରାମ ଅମତୁସ୍ ସଲାମ୍ ସାହିବା ଧର୍ମପତ୍ନୀ ଚୌଧୁରୀ ସଲାହୁଦ୍ଦିନ୍ ସାହେବ୍ ମର୍‌ହୁମ୍ ପୂର୍ବତନ ନାଜିମ୍ ଜାଏଦାଦ୍ ଓ କାନୁନ ପରାମର୍ଶଦାତା ରବୱା ଏବଂ ମୋକରମା ମନ୍‌ସୁରା ବୁଶ୍‌ରା ସାହିବା ମାତା ଡ଼ାକ୍ତର ଲତିଫ୍ ଅହେମଦ୍ କୁରୈଶି ସାହେବଙ୍କ ଉତମଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୨୭ ନଭେମ୍ବର ୨୦୨୦ ଅନୁଯାୟୀ ୨୭ ନବୁୱ୍ୱତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ସାହାବାମାନଙ୍କ ଜୀବନୀ ଚର୍ଚ୍ଚାରେ ଆଜି ଯେଉଁ ସାହାବିଙ୍କ ମୁଁ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅ । ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅଙ୍କ ପିତାଙ୍କ ନାମ ଅବ୍‌ଦେ ମୁନାଫ୍ ଥିଲା । ଯାହାଙ୍କର ଉପନାମ ଅବୁ ତାଲିବ୍ ଥିଲା ଏବଂ ତାଙ୍କ ମାତାଙ୍କ ନାମ ଫାତିମା ବିନ୍‌ତେ ଅସଦ୍ ବିନ୍ ହାସିମ୍ ଥିଲା । ସେ ହଜୁର ସ:ଆ:ସଙ୍କ ଅବତାରତ୍ୱର ଦଶବର୍ଷ ପୂର୍ବେ ଜନ୍ମଗ୍ରହଣ କରିଥିଲେ । ହଜ୍‌ରତ୍ ଅଲୀ ର:ଅ ଶାରିରୀକ ଗଠନ ସମ୍ପର୍କରେ ଏହା ବର୍ଣ୍ଣିତ ରହିଛି ଯେ ତାଙ୍କର ଉଚ୍ଚତା ମଧ୍ୟମ ଧରଣ ଥିଲା, ଚକ୍ଷୁ କଳା ବର୍ଣ୍ଣ ଥିଲା, ବଳିଷ୍ଠ ଶରୀର ଏବଂ କାନ୍ଧ ଚଉଡ଼ା ଥିଲା ।

***(ଅଲ୍‌ଅସାବାଃ...... ଖଣ୍ଡ-୪, ପୃ-୪୬୪......... ବେରୁତ ୧୯୯୫) (ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୮୭,୮୮.......... ଲେବ୍‌ନାନ୍ ୨୦୦୩) (ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୨୧୮.......... ବେରୁତ ୨୦୦୨)***

ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅଙ୍କ ତିନିଜଣ ଭାଇ ଯଥା କ୍ରମେ ତାଲିବ୍, ଅକିଲ୍ ଓ ଜାଫର୍ ଥିଲେ ହଜ୍‌ରତ୍ ଅଲୀଙ୍କ ମାଆ ତାଙ୍କର ନାମ ଅସଦ୍ ରଖିଥିଲେ । ଅବୁ ତାଲିବ୍ ତାଙ୍କ ଜନ୍ମ ସମୟରେ ଘରେ ନଥିଲେ । ସେ ଯେବେ ଘରକୁ ଫେରିଲେ ତାଙ୍କର ନାମ ଅସଦ୍ ପରିବର୍ତେ ଅଲୀ ରଖିଦେଲେ । ଏହିପରି ତାଙ୍କର ଦୁଇଜଣ ଭଉଣୀ ମଧ୍ୟ ଥିଲେ ଯେପରି ଉମ୍ମେ ହାନି ଓ ଜୁମାନାଃ । ସେମାନଙ୍କ ମଧ୍ୟରୁ ତାଲିବ୍ ଓ ଜୁମାନାଙ୍କ ବ୍ୟତିତ ଅନ୍ୟ ସମସ୍ତ ଭାଇଭଉଣୀମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲେ । ***(ତାରିଖୁଲ୍ ଖମିସ୍, ଖଣ୍ଡ-୧, ପୃ-୨୯୫-୨୯୭, ଖଣ୍ଡ-୨, ପୃ-୪୨୧..... ବେରୁତ ୨୦୦୯)***

ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅଙ୍କ ଅନ୍ୟ ନାମ ଅବୁ ହସନ୍, ଅବୁ ସବ୍‌ତେନ୍ ଓ ଅବୁ ତୁରାବ୍ ଥିଲା ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୮୮.......... ବେରୁତ ୨୦୦୩)***

***(ସହି ବୁଖାରୀ, କିତାବୁସ୍ ସଲାତ୍...... ହଦିସ୍-୪୪୧)***

ସହୀ ବୁଖାରୀ ଅନୁଯାୟୀ ହଜୁର ସ:ଆ:ସ ଯେତେବେଳେ ହଜ୍‌ରତ୍ ଫାତିମା ର:ଅଙ୍କ ଘରକୁ ଆସିଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଘରେ ପାଇଲେ ନାହିଁ । ସେ ପଚାରିଲେ ତୁମ ଚଚାଙ୍କ ପୁତ୍ର କେଉଁଠି ଅଛନ୍ତି । ହଜ୍‌ରତ୍ ଫାତିମା ର:ଅ କହିଲେ, ମୋର ଏବଂ ତାଙ୍କ ମଧ୍ୟରେ କିଛିଟା ମନମାଳିନ୍ୟ ହୋଇଯାଇଛି ତେଣୁ ସେ ମୋ ଉପରେ ରୁଷି ଚାଲିଗଲେ ଏବଂ ଦ୍ୱିପ୍ରହରେ ଯେଉଁ ବିଶ୍ରାମ ନିଆଯାଏ ସେ ବିଶ୍ରାମ ମଧ୍ୟ କଲେନାହିଁ । ସେତେବେଳେ ହଜୁର ସ:ଆ:ସ କୌଣସି ଏକ ବ୍ୟକ୍ତିକୁ କହିଲେ ଦେଖ ସେ କେଉଁଠି ଅଛନ୍ତି । ସେ ବ୍ୟକ୍ତି ଆସିଲା ଏବଂ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ! ସେ ମସ୍‌ଜିଦ୍‌ରେ ଶୋଇଛନ୍ତି । ତେବେ ହଜୁର ସ:ଆ:ସ ମସ୍‌ଜିଦ୍ ଚାଲିଗଲେ ଏବଂ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅଙ୍କୁ ସେଠାରେ ପାଇଲେ ଏବଂ ତାଙ୍କ ଉପରୁ ଚାଦର ଖସି ଯାଇଥିଲା । କିଛି ଧୂଳିମାଟି ମଧ୍ୟ ତାଙ୍କ ଶରୀରରେ ଲାଗିଥିଲା ଯାହାକୁ ହଜୁର ପୋଛି ଦେଲେ ଏବଂ କହିଲେ ହେ ଅବୁ ତୁରାବ୍ ଉଠ, ହେ ଅବୁ ତୁରାବ୍ ଉଠ । ***(ସହି ବୁଖାରୀ...... ହଦିସ୍ ୪୪୧)***

ସେହି ସମୟରୁ ହିଁ ତାଙ୍କର ନାମ ଅବୁ ତୁରାବ୍ ପଡ଼ିଯାଇଥିଲା । ତୁରାବ୍ ଆରବୀ ଶବ୍ଦ ଯାହାର ଅର୍ଥ ମାଟି ଅଟେ ଏବଂ ସେହି ନାମରୁ ହିଁ ତାଙ୍କୁ ପରବର୍ତୀ ସମୟରେ ଡ଼କାଯାଇଥିଲା ଅର୍ଥାତ ଅବୁ ତୁରାବ୍ ସମ୍ବୋଧନ କରି ତାଙ୍କୁ ଡ଼କାଯାଉଥିଲା । ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅ ହଜୁର ସ:ଆ:ସଙ୍କ ତତ୍ୱାବଧାନରେ କିପରି ଆସିଲେ ଏଥି ସଂକ୍ରାନ୍ତରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ବର୍ଣ୍ଣନା କରନ୍ତି: ଅବୁ ତାଲିବ୍ ଜଣେ ବହୁ ପ୍ରତିଷ୍ଠିତ ଓ ସମ୍ମାନିତ ବ୍ୟକ୍ତି ଥିଲେ କିନ୍ତୁ ଅତ୍ୟନ୍ତ ଅଭାବ ଓ ଅନଟନ ସମୟ ଦେଇ ଅତିକ୍ରମ କରୁଥିଲେ ବିଶେଷ କରି ସେହି ସମୟରେ ଯେତେବେଳେ ମକ୍କାରେ ଦୁର୍ଭିକ୍ଷ ପଡ଼ିଥିଲା ତାଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା । ହଜୁର ସ:ଆ:ସ ସେତେବେଳେ ନିଜର ଚଚା ହଜ୍‌ରତ୍ ଅବ୍‌ବାସ ର:ଅଙ୍କୁ ଦିନେ କହିଲେ ହେ ମୋର ଚଚା ଆପଣଙ୍କ ଭାଇ ଅବୁ ତାଲିବ୍‌ଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ କଠିନ, ଅତ୍ୟନ୍ତ ଦୁର୍ବଳ । ତାଙ୍କ ସନ୍ତାନମାନଙ୍କ ମଧ୍ୟରୁ ଯଦି ଆପଣ ଗୋଟିଏ ସନ୍ତାନ ଓ ମୁଁ ଗୋଟିଏ ସନ୍ତାନକୁ ନେଇ ନିଜ ଘରେ ରଖିବା ତେବେ ଏହା ଖୁବ୍ ଭଲ ହୁଅନ୍ତା । ଉକ୍ତ ପରାମର୍ଶ ଉପରେ ହଜ୍‌ରତ୍ ଅବ୍‌ବାସ ର:ଅ ସହମତି ପ୍ରକାଶ କରିଥିଲେ ଏବଂ ଦୁହେଁ ହଜ୍‌ରତ୍ ଅବୁ ତାଲିବ୍‌ଙ୍କ ନିକଟକୁ ଯାଇଥିଲେ ତାଙ୍କ ସମ୍ମୁଖରେ ନିଜର ପ୍ରସ୍ତାବ ରଖିଥିଲେ । ସେ ନିଜ ସନ୍ତାନମାନଙ୍କ ମଧ୍ୟରୁ ଅକିଲ୍‌ଙ୍କୁ ବହୁତ ପ୍ରେମ କରୁଥିଲେ ସ୍ନେହ ଓ ଆଦର କରୁଥିଲେ । ସେହି କାରଣରୁ ସେ କହିଲେ ଅକିଲ୍‌କୁ ମୋ ନିକଟରେ ଛାଡ଼ିଯାଅ ବାକି ତୁମ ଇଚ୍ଛା ଯାହାକୁ ଚାହଁ ଅନ୍ୟ ବାକି ସନ୍ତାନ ମାନଙ୍କ ମଧ୍ୟରୁ ନେଇପାର । ସୁତରାଂ ହଜ୍‌ରତ୍ ଜାଫ୍‌ର ର:ଅଙ୍କୁ ହଜ୍‌ରତ୍ ଅବ୍‌ବାସ ର:ଅ ନିଜ ଘରକୁ ନେଇ ଯାଇଥିଲେ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ନିଜ ସାଥିରେ ନେଇ ଆସିଥିଲେ । ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଛଅ କିମ୍ବା ସାତ ବର୍ଷ ବୟସ ହୋଇଥିବ । ତା'ପରଠାରୁ ସେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିକଟରେ ହିଁ ରହିଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍......... ପୃ-୧୧୧)***

ହଜ୍‌ରତ୍ ଅଲୀ ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପ୍ରସଙ୍ଗରେ ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି । ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ହଜ୍‌ରତ୍ ଖଦିଜାଙ୍କ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଓ ହଜୁର ସ:ଆ:ସଙ୍କ ସାଥିରେ ନମାଜ ପାଠ କରିବାର ଗୋଟିଏ

ଦିନ ପରେ ମୁସଲମାନ ହୋଇଥିଲେ । ବର୍ଣ୍ଣନାକାରୀ କୁହନ୍ତି ସେ ହଜୁର ସ:ଆ:ସ ଓ ହଜ୍‌ରତ୍ ଖଦିଜା ର:ଅଙ୍କୁ ନମାଜ ପାଠ କରୁଥିବାର ଦେଖିବାକୁ ପାଇଲେ ଏଥିରେ ସେ କହିଲେ ହେ ମୁହମ୍ମଦ ସ:ଆ:ସ ! ଏହା କଣ ? ହଜୁର ଉତର ଦେଲେ ଏହା ଅଲ୍ଲାଃଙ୍କ ଧର୍ମ ଅଟେ ଯାହାକି ସେ ନିଜ ପାଇଁ ଚୟନ କରିନେଇଛନ୍ତି ଏବଂ ମତେ ଏଥିନିମନ୍ତେ ପ୍ରେରଣ କରିଛନ୍ତି ସୁତରାଂ ମୁଁ ତୁମକୁ ପ୍ରଭୁଙ୍କ ଉପାସନା କରିବା ପ୍ରତି ଆହ୍ୱାନ ଦେଉଛି ଏଥିରେ ହଜ୍‌ରତ୍ ଅଲୀ ର:ଅ କହିଲେ, ଏହା ହେଉଛି ଏମିତି କଥା ଯାହାକି ପୂର୍ବେ ମୁଁ କଦାପି ଶୁଣିନାହିଁ । ଏହି ପରିପ୍ରେକ୍ଷୀରେ ମୁଁ କିଛି କହିପାରିବି ନାହିଁ ଯେପର୍ଯ୍ୟନ୍ତ କି ମୁଁ ନିଜ ପିତାଙ୍କ ସହ ଆଲୋଚନା ଓ ପରାମର୍ଶ କରିନାହିଁ । ହଜୁର ସ:ଆ:ସ ଏକଥା ପସନ୍ଦ କଲେ ନାହିଁ ଯେ ମୋ ନବୀ ହେବାର ଘୋଷଣା କରିବା ପୂର୍ବରୁ ଏହି ଖବର ପ୍ରଘଟ ଘଟୁ ଅତଏବ ହଜୁର କହିଲେ, ହେ ଅଲୀ ଯଦି ତୁମେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ଇଚ୍ଛୁକ ନୁହଁ ତେବେ ଠିକ୍ ଅଛି କିନ୍ତୁ ଏକଥାକୁ ଗୁପ୍ତ ରଖ । ତା'ପରେ ହଜ୍‌ରତ୍ ଅଲୀ ର:ଅ ଶୟନ କରିବାକୁ ଚାଲିଗଲେ ଏବଂ ରାତ୍ରୀ ଯାପନ କଲେ । ସେହି ରାତିରେ ପ୍ରଭୁ ତାଙ୍କ ହୃଦୟରେ ଇସ୍‌ଲାମ୍ ପ୍ରତି ଅନୁରାଗ ଉତ୍ପନ୍ନ କରିଦେଲେ । ସକାଳେ ସେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ନିବେଦନ କଲେ ହେ ମୁହମ୍ମଦ ସ:ଆ:ସ ! ଗତ କାଲି ଆପଣ ମତେ କେଉଁ କଥା ପ୍ରତି ଆହ୍ୱାନ ଦେଉଥିଲେ ହଜୁର ସ:ଆ:ସ କହିଲେ, ଏଥିପ୍ରତି କି ତୁମେ ସାକ୍ଷ୍ୟ ଦିଅ ଯେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନୁହନ୍ତି ସେ ଏକ ତାଙ୍କର କେହି ହେଲେ ମଧ୍ୟ ସମକକ୍ଷ ନାହିଁ ଏବଂ ଲାତ୍ ଓ ଉଜ୍ଜା ପିତୁଳାର ଅସ୍ୱୀକାର କର । ଅତଏବ ହଜ୍‌ରତ୍ ଅଲୀ ର:ଅ ସେହିପରି କହିଲେ ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ସେ ନିଜ ପିତାଙ୍କ ଭୟରେ ଲୁଚି ଲୁଚି ହଜୁର ସ:ଆ:ସଙ୍କ ନିକଟକୁ ଆସୁଥିଲେ ଏବଂ ସେ ନିଜର ବିଶ୍ୱାସ ଆଣିବାକୁ ଗୁପ୍ତ ରଖିଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୮୮-୮୯......... ବେରୁତ ୨୦୦୩)***

ଯେତେବେଳେ କି ସେ ସେହି ସ୍ଥଳେ ଅଧିବାସୀ ଥିଲେ ଏହା ଅସଦୁଲ୍ ଗାବାଃରେ ବର୍ଣ୍ଣନା ଅଟେ ।

ହଜ୍‌ରତ୍ ଖତିଜାଙ୍କ ପରେ ସର୍ବ ପ୍ରଥମେ ବିଶ୍ୱାସକାରୀ ହଜ୍‌ରତ୍ ଅଲୀ ର:ଅ ଥିଲେ । ସେତେବେଳେ ତାଙ୍କ ବୟସ ମାତ୍ର ୧୩ ବର୍ଷ ବୟସ ହୋଇଥିଲା । ଆଉ କେତେକଙ୍କ ବର୍ଣ୍ଣନା ଅନୁଯାୟୀ ତାଙ୍କ ବୟସ ୧୬ କିମ୍ବା ୧୮ ବର୍ଷ ହୋଇଥିଲା ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୨୦୦.......... ବେରୁତ ୨୦୦୨)***

ଜୀବନୀ ଲେଖାଳିମାନେ ଏକଥାରେ ତର୍କ କରିଛନ୍ତି ଯେ, ପୁରୁଷମାନଙ୍କ ମଧ୍ୟରେ ସର୍ବପ୍ରଥମେ କିଏ ବିଶ୍ୱାସ ଆଣିଥିଲେ ହଜ୍‌ରତ୍ ଅବୁବକର ନା ହଜ୍‌ରତ୍ ଅଲୀ ବା ହଜ୍‌ରତ୍ ଜୈଦ୍ । କେତେକ ଏହାର ଏପରି ସମାଧାନ କରିଛନ୍ତି କି ପିଲାମାନଙ୍କ ମଧ୍ୟରୁ ସର୍ବପ୍ରଥମେ ହଜ୍‌ରତ୍ ଅଲୀ ର:ଅ ବୟତ କରିଥିଲେ ଏବଂ ବୟୋଜ୍ୟୋଷ୍ଠମାନଙ୍କ ମଧ୍ୟରୁ ହଜ୍‌ରତ୍ ଅବୁବକର ଓ କ୍ରୀତଦାସ ମାନଙ୍କ ମଧ୍ୟରୁ ହଜ୍‌ରତ୍ ଜୈଦ୍ ବିଶ୍ୱାସ ଆଣିଥିଲେ । ଅର୍ଥାତ ସର୍ବପ୍ରଥମେ ଏମାନେ ବିଶ୍ୱାସ ଆଣିଥିଲେ । ଏହି ପରିପ୍ରେକ୍ଷୀରେ ହଜରତ ମିର୍ଜା ବଶିର ଅହ୍‌ମଦ୍ ସାହେବ ମଧ୍ୟ ନିଜର ମତ ପ୍ରକାଶ କରିଛନ୍ତି ଯେ ହଜ୍‌ରତ୍ ଖଦିଜା ର:ଅଙ୍କ ପରେ ପୁରୁଷମାନଙ୍କମଧ୍ୟରେ ବିଶ୍ୱାସ ଆଣିବା ପ୍ରସଙ୍ଗରେ ଐତିହାସବିତ୍‌ମାନଙ୍କ ମଧ୍ୟରେ ମତପ୍ରାର୍ଥକ୍ୟ ରହିଛି କେତେକ ହଜ୍‌ରତ୍ ଅବୁବକର ର:ଅଙ୍କ ନାମ ନେଇଥାନ୍ତି ତ ଆଉ କେତେକ ହଜ୍‌ରତ୍ ଅଲୀ ର:ଅଙ୍କର ଯାହାଙ୍କ ବୟସ ସେତେବେଳେ ମାତ୍ର ୧୦ ବର୍ଷ ବୟସ ହୋଇଥିଲା । ଆଉ କେତେକ କୁହନ୍ତି ହଜୁର ସ:ଆ:ସଙ୍କ ସ୍ୱାଧିନ ପ୍ରାପ୍ତ ଦାସ ହଜ୍‌ରତ୍ ଜୈଦ୍ ର:ଅ ପ୍ରଥମେ ଇମାନ୍ ଆଣିଥିଲେ ବୋଲି । କିନ୍ତୁ ମୋ ମତରେ ଏହି ତର୍କ କରିବା ନିରର୍ଥକ ଅଟେ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ଜୈଦ୍ ହଜୁର ସ:ଆ:ସଙ୍କ ପରିବାର ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଏବଂ ପିଲାଙ୍କ ପରି ହଜୁର ସ:ଆ:ସଙ୍କ କୁଟୁମ୍ବରେ ରହୁଥିଲେ ତେଣୁ ହଜୁର ସ:ଆ:ସଙ୍କ ଆହ୍ୱାନରେ କୌଣସି ସାକ୍ଷ୍ୟ ଦେବାର ଆବଶ୍ୟକତା ହିଁ ନଥିଲା ଅର୍ଥାତ ସେମାନଙ୍କ ବିଶ୍ୱାସ ଆଣିବା ଅବା ନ ଆଣିବାରେ କୌଣସି ଫରକ୍ ପଡୁନଥିଲା । ତେଣୁ ସେମାନଙ୍କ ନାମ ନେବାର ଆବଶ୍ୟକତା ହିଁ ନାହିଁ କିନ୍ତୁ ହଜ୍‌ରତ୍ ଅବୁବକର ର:ଅ ତାଙ୍କ ଅର୍ଥାତ ହଜୁର ସ:ଆ:ସଙ୍କ କୁଟୁମ୍ବର ନଥିଲେ ବାହାର ଲୋକ ଥିଲେ । ତେଣୁ ତାଙ୍କର ବିଶ୍ୱାସ ଆଣିବା ଭିନ୍ନ ପ୍ରକାର ତେଣୁ ସର୍ବପ୍ରଥମେ ପୁରୁଷମାନଙ୍କ ମଧ୍ୟରେ ଯିଏ ବିଶ୍ୱାସ ଆଣିଥିଲେ ସେ ହଜ୍‌ରତ୍ ଅବୁବକର ର:ଅ ଅଟନ୍ତି ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍......... ପୃ-୧୨୧)***

ଏହି ପ୍ରସଙ୍ଗରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି ହଜ୍‌ରତ୍ ମୁସା ଆ:ସଙ୍କୁ ମାଗିବା ଫଳରେ ଜଣେ ସାହାଯ୍ୟକାରୀ ପ୍ରଦାନ କରାଯାଇଥିଲା ଅର୍ଥାତ ସେ ଅଲ୍ଲାଃଙ୍କୁ ନିଜ କାର୍ଯ୍ୟରେ ସାହାଯ୍ୟ ମନୋନୀତ କରିବାପାଇଁ ଅଲ୍ଲାଃଙ୍କ ନିକଟରେ ନିବେଦନ କରିଥିଲେ କିନ୍ତୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର କିଭଳି ଉଚ୍ଚ ମର୍ଯ୍ୟାଦା ଓ କିଭଳି ସେ ଉଚ୍ଚ ଆସନରେ ଅଧିଷ୍ଠିତ ଥିଲେ କି ଆପଣଙ୍କୁ ବିନା ମାଗିବାରେ ହିଁ ସାହାଯ୍ୟକାରୀ ପ୍ରଦାନ କରିଦିଆଯାଇଥିଲା । ହଜୁର ଏହା କହିବାକୁ ଚାହୁଁଛନ୍ତି ଯେ, ହଜ୍‌ରତ୍ ଖଦିଜା ର:ଅ ଆପଣଙ୍କ ସାହାଯ୍ୟକାରୀ ଥିଲେ ତାଙ୍କର ଆପଣଙ୍କ ସହ କିଭଳି ଅଗାଢ଼ ପ୍ରେମ ଥିଲା ଯେ ଶୁଣିବାମାତ୍ରେ ନିଜ ସ୍ୱାମୀଙ୍କ କଥାରେ ବିଶ୍ୱାସ ସ୍ଥାପନ କରିନେଇଥିଲେ କାରଣ ପ୍ରତ୍ୟେକ ବ୍ୟକ୍ତିର ଧର୍ମ ଓ ବିଶ୍ୱାସ ସ୍ୱାଧିନ ଏବଂ କେହି କାହାରିକୁ ବାଧ କରି ନିଜ କଥା ମନେଇ ପାରିବେ ନାହିଁ । ଯେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଖଦିଜା ର:ଅଙ୍କ ଓ୍ୱହି (ଐଶିବାଣୀ) ଅବତୀର୍ଣ୍ଣ ହେବା କଥା କହିଲେ, ସେତେବେଳେ ସେ କହିପାରିଥାନ୍ତେ ଯେ ମୁଁ ଚିନ୍ତା କରି ନିଷ୍ପତି ନେବି କିନ୍ତୁ ତାହା ନୁହେଁ ସେ କୌଣସି ଅମଙ୍ଗମୂଳକ ଅବା ଅରାଜି ହେବାର ଉକ୍ତି ପ୍ରକାଶ କରିନଥିଲେ ବରଂ ଆପଣଙ୍କ ଘୋଷଣାର ସମର୍ଥନ କରିଥିଲେ ଏପରି ସେ ପ୍ରଥମ ବିଶ୍ୱାସକାରୀ ହେବାର ଗୌରବ ଅର୍ଜନ କରିଥିଲେ ସେତେବେଳେ ପ୍ରଭୁ ଅର୍ଶରେ ବସି କହୁଥିଲେ ହେ ମୁହମ୍ମଦ ମୁସ୍ତଫା ସ:ଆ:ସ **ଆ ଲୈସଲ୍ଲାହୁ ବିକାଫିନ୍ ଅବ୍‌ଦହୁ** ଅର୍ଥାତ ତୁମକୁ ଖଦିଜା ସହ ଯେଉଁ ପ୍ରେମ ଓ ସ୍ନେହ ଥିଲା ସେଥିଯୋଗୁଁ ତୁମ ମନରେ ଏକଥା ଉଙ୍କି ମାରୁଥିଲା କି ସେ ତୁମକୁ ଛାଡ଼ି ଚାଲି ନ ଯାଆନ୍ତୁ କିନ୍ତୁ କଣ ଆମେ ତୁମ ଆବଶ୍ୟକତା ଓ ମନବାଞ୍ଛା ପୂରଣ କଲୁନାହୁଁ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ବିଶ୍ୱାସ ଗ୍ରହଣ କରିବା ସମ୍ପର୍କରେ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସଙ୍କ ଘରେ ଯେତେବେଳେ ଐଶିବାଣୀ ସମ୍ପର୍କରେ କଥାବାର୍ତା ହେଲା ସେତେବେଳେ ଜୈଦ୍ ବିନ୍ ହାରିସ୍ ନାମକ ଦାସ ଯିଏ କି ହଜୁର ସ:ଆ:ସଙ୍କ ଘରେ ରହୁଥିଲେ ସେ ଆଗକୁ ବଢ଼ିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଆପଣଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁଛି ଏହାପରେ ହଜ୍‌ରତ୍ ଅଲୀ ର:ଅ ଯାହାଙ୍କୁ ସେତେବେଳେ ମାତ୍ର ୧୧ ବର୍ଷ ବୟସ ହୋଇଥିଲା ସେ ଏକ ଛୋଟବାଳକ ଥିଲେ ସେ ଦୁଆର ସହିତ ସଲଗ୍ନ ହୋଇ ଛିଡ଼ା ହୋଇଥିଲେ । ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଖଦିଜା ର:ଅଙ୍କ ଉକ୍ତ ବାର୍ତାଳାପକୁ ଶୁଣିବାପରେ ଯେହେତୁ ତାଙ୍କ ଭିତରେ ଅର୍ଥାତ ହଜ୍‌ରତ୍ ଅଲୀ ର:ଅଙ୍କ ଅନ୍ତରରରେ ପୂର୍ଣ୍ଣ୍ୟର ଅଂଶ ଭରି ରହିଥିଲା, ସେହି ଅଲୀ ଯାହାଙ୍କ ଆବେଗ ଆନ୍ଦୋଳିତ ହୋଇ ଉଠିଥିଲା କିନ୍ତୁ ତାହା ବିକଶିତ ହୋଇନଥିଲା । ହଜ୍‌ରତ୍ ଅଲୀ ର:ଅ ଯାହାଙ୍କ ଉତ୍ସାହ ସ୍ୱଉଚ୍ଚ ଥିଲା କିନ୍ତୁ ବର୍ତମାନ ସୁଦ୍ଧା ଚାପି ହୋଇ ରହିଥିଲା ତାଙ୍କର ସ୍ୱଳ୍ପ ବୟସ ଯୋଗୁଁ । ସେହି ଅଲୀ ଯାହାଙ୍କ ଭିତରେ ଅଲ୍ଲାଃ ତାଲା ସ୍ୱୀକାର କରିବାର ସାମର୍ଥ୍ୟ ରଖିଦେଇଥିଲେ କିନ୍ତୁ ଅଦ୍ୟପି ପରିପ୍ରକାଶ କରିବାର କୌଣସି ସଠିକ୍ ସୁଯୋଗ ଓ ଶୈଳୀ ବା ପନ୍ଥା ମିଳିନଥିଲା । ସେ ଦେଖିଲେ ଯେ ବର୍ତମାନ ମୋର ଆବେଗର ପରିପୋଷଣ ତଥା ବିକଶିତ ହେବାର ସଠିକ୍ ସମୟ ଆସିଯାଇଛି । ସେ ଏହା ଅବଲୋକନ କଲେ ଯେ ବର୍ତମାନ ଅଲ୍ଲାଃ ତାଲା ମତେ ନିଜ ଆଡ଼କୁ ଡ଼ାକୁଛନ୍ତି । ସେହି ବାଳକ ଅଲୀ ନିଜ ହୃଦୟରେ ପୁରି ରହିଥିବା ବ୍ୟଥା ଓ ବେଦନା ସହିତ ଲଜ୍ୟା ଅନୁଭବ କରି ଆଗକୁ ବଢ଼ିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ଚାଚି ଯେଉଁ କଥା ଉପରେ ବିଶ୍ୱାସ ଆଣିଛନ୍ତି ଏବଂ ଯେଉଁ କଥା ଉପରେ ଜୈଦ୍ ର:ଅ ବିଶ୍ୱାସ ଆଣିଛନ୍ତି ମୁଁ ମଧ୍ୟ ସେହି କଥା ଉପରେ ବିଶ୍ୱାସ ପ୍ରକଟ କରୁଛି ତାହାର ସାକ୍ଷ୍ୟ ଦେଉଅଛି । ***(ରସୁଲେ କରିମ୍ ସ:ଆ:ସଙ୍କ ଜିନ୍ଦଗୀ...... ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୯, ପୃ-୧୨୭-୧୨୮)***

ତାରିଖେ ତିବ୍‌ରିରେ ଉଲ୍ଲେଖ ରହିଛି ଯେତେବେଳେ ନମାଜ ପାଠର ସମୟ ହେଉଥିଲା ସେତେବେଳେ ହଜୁର ସ:ଆ:ସ ମକ୍କାର ଘାଟି ଆଡ଼କୁ ବାହାରି ଚାଲିଯାଉଥିଲେ ଏବଂ ହଜ୍‌ରତ୍ ଅଲୀ ର:ଅ ମଧ୍ୟ ହଜ୍‌ରତ୍ ଅବୁ ତାଲିବ୍ ଓ ଅନ୍ୟ ସମସ୍ତଙ୍କଠାରୁ ଅର୍ଥାତ ତାଙ୍କ ଚଚାମାନଙ୍କ ଦୃଶ୍ୟରୁ ଲୁଚି ହଜୁର ସ:ଆ:ସଙ୍କ ସାଥିରେ ଉକ୍ତ ଘାଟିକୁ ଚାଲିଯାଉଥିଲେ ଏବଂ ସେଠାରେ ଉଭୟେ ନମାଜ ପାଠ କରି ଫେରୁଥିଲେ । ଏହି ପ୍ରକ୍ରିୟା ଏହିଭଳି ଚାଲିଥିଲା କି ଏକଦା ହଜ୍‌ରତ୍ ଅବୁତାଲିବ୍ ସେ ଦୁହେଁଙ୍କୁ ନମାଜ ପାଠ କରୁଥିବାର ଦେଖିନେଲେ ଯଦ୍ୱାରା ସେ ହଜୁର ସ:ଆ:ସଙ୍କୁ ପଚାରିଲେ ହେ ମୋ ପୁତୁରା ଏ କେଉଁ ଧର୍ମ ଯାହାର ଅନୁସରଣ କରୁଥିବାର ମୁଁ ତୁମକୁ ଅବଲୋକନ କରୁଛି । ହଜୁର ସ:ଆ:ସ ଉତର ଦେଲେ ହେ ଚଚା ଏହା ପରମବ୍ରହ୍ମ ଅଲ୍ଲାଃଙ୍କ ଧର୍ମ ଓ ତାଙ୍କ ଦେବଦୂତଙ୍କ ଧର୍ମ ତାଙ୍କ ରସୁଲ୍‌ଙ୍କ ଧର୍ମ ଆମ ପିତାମହ ହଜ୍‌ରତ୍ ଇବ୍ରାହିମ୍ ଆ:ସ ଅବା ତାହା ସହ ସଦୃଶ ରଖୁଥିବା ଧର୍ମ । ଏଥିପାଇଁ ପ୍ରଭୁ ମତେ ମନୋନୀତ କରିଛନ୍ତି ହେ ଚଚା ତୁମେ ଏହାର ପ୍ରଥମ ଅଧିକାରୀ ଯାହାକୁ ମୁଁ ଏଥିପ୍ରତି ଡ଼ାକରା ଦେଉଛି ଆପଣ ଏହାର ସ୍ୱୀକାର କରିନିଅନ୍ତୁ ଏହାର ଆନୁଗତ୍ୟ ସ୍ୱୀକାର କରିନିଅନ୍ତୁ ଏଥିରେ ମୋର ସାହାଯ୍ୟ କରନ୍ତୁ ଏଥିରେ ସେ କହିଲେ ହେ ମୋ ପୁତୁରା ମୁଁ ନିଜ ବାପ ଅଜାଙ୍କ ଧର୍ମ ପରିହାର କରିବାର ସାମର୍ଥ୍ୟ ରଖୁନାହିଁ କିନ୍ତୁ ହଁ ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ତୁମକୁ ଏହିଭଳି କୌଣସି ଅନିଷ୍ଟ ହେବନାହିଁ ଯାହା ତୁମେ ପସନ୍ଦ କରୁନାହଁ ।

***(ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୨୨୫...... ଦାରୁଲ୍ ଫିକ୍‌ର ୨୦୦୨)***

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ବର୍ଣ୍ଣନା କରନ୍ତି ଯେ ଏକଦା ହଜୁର ସ:ଆ:ସ ଓ ହଜ୍‌ରତ୍ ଅଲୀ ର:ଅ ମକ୍କାର କୌଣସି ଘାଟିରେ ନମାଜ ପଢୁଥିଲେ କି ହଠାତ୍ ସେହି ଦିଗରୁ ହଜ୍‌ରତ୍ ଅବୁତାଲିବ୍ ଅତିକ୍ରମ କଲେ, ଅବୁ ତାଲିବ୍‌ଙ୍କୁ ମଧ୍ୟ ବର୍ତମାନ ସୁଦ୍ଧା ଇସ୍‌ଲାମ୍ ଧର୍ମ ବିଷୟରେ କୌଣସି ସୁଚନା ମିଳିନଥିଲା ତେଣୁ ସେ ଛିଡ଼ା ହୋଇ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହୋଇ ଅବଲୋକନ କଲେ ଯେତେବେଳେ ହଜୁର ସ:ଆ:ସ ନମାଜ ପାଠ କରିନେଲେ ଅର୍ଥାତ ଆପଣଙ୍କ ନମାଜ ସମାପ୍ତ ହେଲା ସେତେବେଳେ ଅବୁତାଲିବ୍ ପଚାରିଲେ ହେ ମୋର ପୁତୁରା ! ଏ କେଉଁ ନୂତନ ଧର୍ମ ଯାହାକୁ ତୁମେ ଅନୁସରଣ କରିଛ ? ପ୍ରତି ଉତରରରେ ହଜୁର ସ:ଆ:ସ କହିଲେ, ଏ ହେଉଛି ଐଶ୍ୱରିକ ଧର୍ମ ଏବଂ ଇବ୍ରାହିମିୟ ଧର୍ମ ସୁତରାଂ ହଜୁର ସ:ଆ:ସ ଅବୁତାଲିବ୍‌ଙ୍କୁ ସଂକ୍ଷିପ୍ତ ଭାବରେ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । କିନ୍ତୁ ଅବୁତାଲିବ୍ ଏହି କଥା କହି ଅପସାରିତ ଅବଲମ୍ବନ କଲେ କି ମୁଁ ନିଜ ବାପ ଅଜାଙ୍କ ଧର୍ମକୁ ଛାଡ଼ିପାରିବି ନାହିଁ ଏଥିସହ ସେ ନିଜର ସୁପୁତ୍ର ହଜ୍‌ରତ୍ ଅଲୀ ର:ଅଙ୍କୁ ସମ୍ବୋଧିତ କରି କହିଲେ ହେ ପୁତ୍ର ତୁମେ କିନ୍ତୁ ହଜୁର ସ:ଆ:ସଙ୍କ ସମର୍ଥନ କର କାରଣ

ମୁଁ ଏହି ବିଶ୍ୱାସ ରଖୁଛି ଯେ, ସେ ତୁମକୁ ପୂଣ୍ୟ ବ୍ୟତିତ ଅନ୍ୟ କୌଣସି ମାର୍ଗ ଆଡ଼କୁ ଡ଼ାକିବେ ନାହିଁ । ***(ସିରତ୍ ଖାତ୍ମୁନ୍ ନବିୟିନ୍........ ପୃ-୧୨୭)***

ଅଲ୍ଲାଃ ତାଲାଙ୍କ ଆଦେଶ କ୍ରମେ ନବୀ କରିମ୍ ସ:ଆ:ସ ନିଜ କୁଟୁମ୍ବକୁ ଏଭଳି ଶୈଳୀରେ ଭୟଭୀତ କଲେ କି ବରାଅ ବିନ୍ ଆଜିବ୍ ଆଜି ବର୍ଣ୍ଣନା କରନ୍ତି, ଯେତେବେଳେ ହଜୁର ସ:ଆ:ସଙ୍କ ଉପରେ ଏହି ପଂକ୍ତି ଅବତୀର୍ଣ୍ଣ ହେଲା **ୱ ଅନ୍‌ଜିର୍ ଅଶିରତକଲ୍ ଅକ୍‌ରବିନ୍ (ଶୋଅରା:୨୧୫)** ଅର୍ଥାତ ନିଜ ପରିଜନମାନଙ୍କୁ ଡ଼ରାଅ ବସ୍ତୁତଃ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ କହିଲେ ହେ ଅଲୀ ! ଗୋଟିଏ "ସା" ଆହାର ସହିତ ଛେଳିମାଂସ ତରକାରୀ ପ୍ରସ୍ତୁତ କର । ଆଉ ଏକ ବର୍ଣ୍ଣନାରେ ସା ପରିବର୍ତେ ମୁଦ୍ ଶବ୍ଦ ଉଲ୍ଲେଖ ରହିଛି ଗୋଟିଏ ସା ର ପରିମାଣ ଚାରିମୁଦ୍ ଥିଲା ସେତେବେଳେ ଏହିସବୁ ପରିମାପକ ଥିଲା ଅର୍ଥାତ ଆମେ ତାହାକୁ ଅଢ଼େଇ ସେର କହିପାରିବା ସେ ଯାହା ହେଉ ଖୁବ୍ କମ୍ ଖାଦ୍ୟ ପ୍ରସ୍ତୁତ କରି ସମସ୍ତ ପରିବାର ବର୍ଗଙ୍କୁ ଆମନ୍ତ୍ରିତ କରିବାକୁ ହଜୁର ଆଦେଶ ଦେଲେ ଏବଂ ନିଜ ପାଇଁ ଗୋଟିଏ ବଡ଼ ପାତ୍ରରେ କ୍ଷୀରର ପ୍ରବନ୍ଧ କରିବାକୁ ନିର୍ଦ୍ଦେଶ ଦେଲେ । ଅତଏବ ହଜ୍‌ରତ୍ ଅଲୀ ର:ଅ ସେହିପରି ହିଁ କଲେ ସମସ୍ତ ଆୟୋଜନ ଏବଂ ସମସ୍ତ ବନୁ ଅବ୍‌ଦୁଲ୍ଲ ମୁତ୍‌ଲବିର ସଦସ୍ୟଙ୍କୁ ଡ଼ାକରା ଦେଲେ ବା ଏକତ୍ରିତ କଲେ ଯେ କି ଅନୁନ୍ୟ ଚାଳିଶିଜଣ ସଦସ୍ୟ ଥିଲେ ସେଥିରୁ ଜଣେ କମ୍ ଅବା ଜଣେ ଅଧିକ ହୋଇଥିବେ । ସେମାନଙ୍କ ମଧ୍ୟରେ ଆପଣଙ୍କ ଚଚା ଅବୁ ତାଲିବ୍, ହମ୍‌ଜା ଓ ହଜ୍‌ତର ଅବ୍‌ବାସ୍ ଓ ଅବୁ ଲେହବ୍ ମଧ୍ୟ ଥିଲେ । ହଜ୍‌ରତ୍ ଅଲୀ ହଜୁର ସ:ଆ:ସଙ୍କ ନିକଟରେ ଖାଇବା ଥାଳି ରଖିଲେ, ହଜୁର ସେଥିରୁ ଗୋଟିଏ ମାଂସ ଖଣ୍ଡ ନେଲେ ଏବଂ ନିଜ ପବିତ୍ର ଦନ୍ତରେ କାଟି ପାତ୍ରରେ ମିଶାଇ ଦେଲେ ବର୍‌କତ୍ ଖାତିର୍ ଏବଂ କହିଲେ, ବର୍ତମାନ ପ୍ରଭୁଙ୍କ ନାମ ନେଇ ସମସ୍ତେ ଖାଅ ସମସ୍ତେ ଭୋଜନ ଆରମ୍ଭ କଲେ ଏବଂ ସନ୍ତୁଷ୍ଟ ହୋଇଗଲେ । ଅଲ୍ଲାଃଙ୍କ ରାଣ ସେମାନଙ୍କ ନିକଟରେ ଯାହା ରଖାଯାଇଥିଲା ତାହା ମାତ୍ର ଜଣେ ବ୍ୟକ୍ତି ପାଇଁ ପ୍ରଯ୍ୟାପ୍ତ ଥିଲା ସେଥିଅନ୍ତେ ହଜୁର କ୍ଷୀରର ପାତ୍ର ମଗାଇଲେ ଅତଏବ ହଜ୍‌ରତ୍ ଅଲୀ ତାହା ଉପସ୍ଥାପନ କଲେ । ହଜୁର ସେଥିରୁ କିଛି ପାନ କଲେ ସେଥିଅନ୍ତେ ସେ ସଭିଏଁ ଉକ୍ତ କ୍ଷୀରପାନ କରିନେଲେ ଏବଂ ତୃପ୍ତ ହୋଇଗଲେ । ପ୍ରଭୁଙ୍କ ରାଣ ସେହି କ୍ଷୀର ମାତ୍ର ଜଣେ ବ୍ୟକ୍ତି ପାଇଁ ହିଁ ଯଥେଷ୍ଟ ଥିଲା । ଜଣକରୁ ଅଧିକ ବ୍ୟକ୍ତି ପିଇବା ପାଇଁ ତାହା ନଥିଲା ଅର୍ଥାତ ସେଥିରୁ ଜଣେ ବ୍ୟକ୍ତି ତୃପ୍ତ ହୋଇ ପିଇପାରିବ ଦ୍ୱିତୀୟ ବ୍ୟକ୍ତି ପାଇଁ ନଥିଲା କିନ୍ତୁ ହଜୁରଙ୍କ ବର୍‌କତ୍ ଫଳରେ ସେଥିରେ ଏଭଳି ବିଭୁତି ଆସିଥିଲା ଯାହା ଫଳରେ ସେ ସଭିଏଁ ଖାଇଲେ ଓ ପାନ କଲେ ଏପରି କି ସେମାନେ ସଭିଏଁ ତୃପ୍ତ ହୋଇଗଲେ । ହଜୁର ଯେତେବେଳେ ଉପସ୍ଥିତ ମଣ୍ଡଳିକୁ କିଛି କହିବାକୁ ଚାହିଁଲେ ଅର୍ଥାତ ଖାଇବା ପରେ ଯେତେବେଳେ ହଜୁର କିଛି କହିବାକୁ ଚାହିଁଲେ ସେତେବେଳେ ଅବୁ ଲହବ୍ କହିଉଠିଲା ଦେଖ ତୁମ ସାଥି ତୁମ ଉପରେ କିଭଳି ଯାଦୁ କରିଦେଇଛି ଏଥିରେ ସଭିଏଁ ବିକ୍ଷିପ୍ତ ହୋଇଗଲେ । ପରବର୍ତୀ ଦିନ ହଜୁର ସ:ଆ:ସ ପୁନରାୟ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, ଯେପରି ଗତକାଲି ଖାଦ୍ୟ ପ୍ରସ୍ତୁତ କରିଥିଲ ସେହିପରି ଆଉ ଥରେ କର । ଅତଏବ ସେ ସେହିପରି କଲେ ହଜୁର ସ:ଆ:ସ ମଧ୍ୟ ଖାଦ୍ୟରେ ବର୍‌କତ୍ ପାଇଁ ସମାନ କଥା ଯାହା ପୂର୍ବେ କରିଥିଲେ ତାହାର ବୃତାନ୍ତ କଲେ । ଏପରି ସମସ୍ତ ଲୋକେ ଖାଇଲେ ଓ ପିଇଲେ ଏପରି କି ତୃପ୍ତ ହୋଇଗଲେ । ଏଥିଅନ୍ତେ ହଜୁର ସ:ଆ:ସ କହିଲେ, ହେ ବନୁ ଅବ୍‌ଦୁଲ୍ଲ ମୁତ୍‌ଲିବ୍ ମୁଁ ଆରବର ଏଭଳି କୌଣସି ଯୁବକକୁ ଜାଣିନାହିଁ ଯେ ନିଜ ଗୋଷ୍ଠୀ ସମୁହ ପାଇଁ ଏହାଠାରୁ ବଳି ଉତମ କଥା ଆଣିଥିବ ଯାହାକି ମୁଁ ତୁମମାନଙ୍କ ନିକଟକୁ ନେଇଆସିଛି । ଦେଖ ମୁଁ ତୁମମାନଙ୍କ ପାଇଁ ସଂସାର ଓ ଅନ୍ତିମ ଦିବସର ପ୍ରସଙ୍ଗର କଥା ନେଇ ଆସିଛି । ଏଥିରେ କିଏ ମୋର ସାହାଯ୍ୟ କରିବ ହଜ୍‌ରତ୍ ଅଲୀ କୁହନ୍ତି ଏଥିରେ ସଭିଏଁ ନୀରବ ରହିଲେ, ତେଣୁ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏମାନଙ୍କ ମଧ୍ୟରେ ସବୁଠାରୁ ସାନ ମୁଁ ଆପଣଙ୍କୁ ସାହାଯ୍ୟ କରିବି । ***(ସୁବୁଲୁଲ୍ ହୁନା..... ଖଣ୍ଡ-୨, ପୃ-୩୨୪........ ବେରୁତ ୧୯୯୩) (ଲୁଗାତୁଲ୍ ହଦିସ୍....... ଖଣ୍ଡ-୨, ପୃ-୬୪୮ "ସାଆ" ଶବ୍ଦ ଅନ୍ତର୍ଗତ)***

ସିରତ୍ ଖାତ୍ମୁନ୍ ନବିଇନ୍ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରନ୍ତି ଏକ ଅବସରରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ କି ଭୋଜନର ଆୟୋଜନ କର ଏବଂ ବନୁ ଅବ୍‌ଦୁଲ୍ଲ ମୁତଲିବ୍‌ଙ୍କ ସମସ୍ତ ସଦସ୍ୟଙ୍କୁ ଆମନ୍ତ୍ରଣ କର କାରଣ ଏହି ମାଧମରେ ହିଁ ସେମାନଙ୍କ ପର୍ଯ୍ୟନ୍ତ ମୁଁ ନିଜ ବାର୍ତା ପଂହଚାଇବାକୁ ଚାହୁଁଛି ସୁତରାଂ ହଜ୍‌ରତ୍ ଅଲୀ ର:ଅ ଭୋଜିର ଆୟୋଜନ କଲେ ଏବଂ ହଜୁର ସ:ଆ:ସଙ୍କ ନିଜର ସମସ୍ତ ନିକଟ ପରିଜନ ଓ ବନ୍ଧୁବାନ୍ଧବମାନଙ୍କୁ ଯାହାକି ଅନ୍ୟୁନ ୪୦ ଜଣ ଥିଲେ ଆମନ୍ତ୍ରିତ କଲେ ଯେତେବେଳେ ସେମାନେ ଖାଇ ସାରିଲେ ସେତେବେଳେ ହଜୁର ସ:ଆ:ସ ନିଜର ବକ୍ତବ୍ୟ, ନିଜର କଥା ଉପସ୍ଥାପନ କରିବାକୁ ପ୍ରୟାସ କଲେ କିନ୍ତୁ ହତଭାଗ୍ୟ ଅବୁ ଲହବ୍ ଏଭଳି ଏକ କଥା କହିଦେଲା ଯଦ୍ୱାରା ସମସ୍ତ ଲୋକମାନେ ବିଖିପ୍ତ ହୋଇଗଲେ ଏହା ଦେଖି ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, ହେ ଅଲୀ ! ଏହି ସୁଯୋଗଟି ତ ଚାଲିଗଲା କିନ୍ତୁ ଆଉ ଥରେ ଏକ ଭୋଜିର ଆୟୋଜନ କର ସୁତରାଂହଜୁର ସ:ଆ:ସଙ୍କ ବନ୍ଧୁବାନ୍ଧବମାନଙ୍କୁ ପୁର୍ନବାର ଏକତ୍ରିତ କରାଗଲା । ହଜୁର ସେମାନଙ୍କୁ ସମ୍ବୋଧିତ କରି କହିଲେ ମୁଁ ତମୁମାନଙ୍କ ପାଇଁ ଏହି କଥା ନେଇ ଆସିଛି ଯାହାଠୁ ବଳି ଅତି ଉତମ କଥା ଉକ୍ତ ସମ୍ପ୍ରଦାୟ ପାଇଁ ଆଉ କିଛି ହୋଇନପାରେ । ମୁଁ ତୁମକୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆମନ୍ତ୍ରିତ କରୁଛି ଯଦି ତୁମେମାନେ ମୋ କଥାକୁ ମାନ ତାହେଲେ ତୁମେମାନେ ଧର୍ମ ଓ ସାଂସାରିକତାର ସର୍ବୋକ୍ରଷ୍ଟ ପୁରଷ୍କାରର ଅଧିକାରି ହେବ ବର୍ତମାନ କୁହ ଯେ ଉକ୍ତ କାର୍ଯ୍ୟରେ କିଏ ମୋର ସାହାଯ୍ୟ କରିବ । ଏହା ଶୁଣି ସମସ୍ତେ ନୀରବ ରହିଲେ ସଭାର ପ୍ରତ୍ୟେକ ଦିଗରେ ନୀରବତା ପରିଲକ୍ଷିତ ହେଉଥିଲା । ହଠାତ୍ ଏକ ଦିଗରୁ ଜଣେ ୧୩ ବର୍ଷୀୟ ବାଳକ ଯାହାର ଆଖିରୁ ପାଣି ଝରୁଥିଲା ଛିଡ଼ା ହେଲା ଏବଂ କହିଲା କି ମୁଁ ସମସ୍ତଙ୍କଠାରୁ ଦୁର୍ବଳ ଓ ସମସ୍ତଙ୍କଠାରୁ ସାନ କିନ୍ତୁ ମୁଁ ଆପଣଙ୍କ ସମର୍ଥନ ଓ ସାହାଯ୍ୟ କରିବାପାଇଁ ପ୍ରସ୍ତୁତ ଅଛି ଏହା ହଜ୍‌ରତ୍ ଅଲୀ ର:ଅଙ୍କର ସ୍ୱର ଥିଲା ଯେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ଏହି ସ୍ୱର ଶୁଣିଲେ ସେତେବେଳେ ନିଜର ବନ୍ଧୁବାନ୍ଧବ ଆଡ଼କୁ ଚାହିଁ କହିଲେ, ଯଦି ତୁମେମାନେ ଜାଣ ତାହେଲେ ତୁମମାନେ ଉକ୍ତ ବାଳକର କଥାକୁ ଶୁଣ ଏବଂ ତାହାକୁ ସ୍ୱୀକାର କର । ଉପସ୍ଥିତ ମଣ୍ଡଳି ଏହି ଦୃଶ୍ୟକୁ ଶିକ୍ଷା ନେବା ପରିବର୍ତେ ସମସ୍ତେ ହସିବାକୁ ଲାଗିଲେ ତାହାକୁ ପରିହାସ କଲେ । ଅବୁ ଲହବ୍ ନିଜର ବଡ଼ ଭାଇ ଅବୁତାଲିବ୍‌କୁ କହିଲା ଦେଖ ବର୍ତମାନ ମୁହମ୍ମଦ ତୁମକୁ ଏହି ଶିକ୍ଷା ଦେଉଛି ଯେ ତୁମେ ନିଜ ପୁତ୍ରର ଅନୁକରଣ କର ଏହାପରେ ଏହି ଲୋକମାନେ ଇସ୍‌ଲାମ୍ ଓ ହଜୁର ସ:ଆ:ସଙ୍କ ଦୁର୍ବଳତା ଉପରେ ପରିହାସ କରି ସେଠାରୁ ପ୍ରସ୍ଥାନ କରିଗଲେ । ***(ସିରତ୍ ଖାତ୍ମୁନ୍ ନବିୟିନ୍......ପୃ-୧୨୮-୧୨୯)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି ଯାହାକି ପିଲାମାନଙ୍କୁ ବେଶ୍ ଧ୍ୟାନପୂର୍ବକ ଶୁଣିବା ଉଚିତ । ଯେତେବେଳେ ହଜୁର ସ:ଆ:ସଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଲା ସେତେବେଳେ ହଜୁର ମକ୍କାର ସମସ୍ତ ବଡ଼ ବଡ଼ ଧନାର୍ଢ୍ୟ ଓ ମାନ୍ୟଗଣ ବ୍ୟକ୍ତିଙ୍କୁ ଆମନ୍ତ୍ରିତ କଲେ ଏବଂ ଭୋଜନ କରାଇ କହିଲେ ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ ଏଥିରେ ସଭିଏଁ ଉଠି ସେଠାରୁ ଚାଲିଗଲେ । ଏଥିରେ ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ମୋ ଭ୍ରାତା ଆପଣ ଏ କଣ କଲେ, ଏମାନେ ସଂସାର ପ୍ରେମୀ ପ୍ରଥମେ ଏମାନଙ୍କୁ ଆପଣ ନିଜ ସନ୍ଦେଶ ଦେବା ଉଚିତ ଥିଲା ତା'ପରେ ଯାଇ ଖାଇବା ପାଇଁ ଅନୁମତି ଦେବାର ଥିଲା । ଏମାନେ ସମସ୍ତେ ଖାଦ୍ୟର ଭୋକିଲା ଯଦି ଆପଣ ପ୍ରଥମେ ନିଜ ବାର୍ତା ରଖିଥାନ୍ତେ ତେବେ ଦୁଇଘଂଟା ପର୍ଯ୍ୟନ୍ତ ମଧ୍ୟ ସେମାନେ ଶୁଣୁଥାନ୍ତେ । ଅତଏବ ହଜୁର ସ:ଆ:ସ ପୁନରାୟ ସେହିପରି କଲେ ଏବଂ ସମସ୍ତଙ୍କୁ ନିମନ୍ତ୍ରଣ କରି ପ୍ରଥମେ ନିଜ ସନ୍ଦେଶ ଉପସ୍ଥାପନ କଲେ ଏବଂ କହିଲେ ହେ ଲୋକମାନେ ମୁଁ ତୁମକୁ ସେହି ପରମେଶ୍ୱରଙ୍କ କଥା କହୁଛି କଣ ତୁମମାନଙ୍କ ମଧ୍ୟରୁ କିଏ ଏହି କାର୍ଯ୍ୟରେ ମୋର ସାହାଯ୍ୟ କରିପାରିବ । ସମସ୍ତେ ନୀରବ ରହିଲେ କିନ୍ତୁ ହଜ୍‌ରତ୍ ଅଲୀ ର:ଅ ଛିଡ଼ା ହେଲେ ଏବଂ କହିଲେ, ହେ ମୋର ଭାଇ ମୁଁ ଆପଣଙ୍କୁ ସାହାଯ୍ୟ କରିବି ଆପଣ ମନେ ମନେ ଭାବିବେ ଯେ ଯେ ତ ଛୋଟି ପିଲା ତେଣୁ ପୂନରାୟ ସେହି ସମାନ କଥା ହଜୁର ଆବୃତି କଲେ । ତଥାପି କେହି କିଛି କହିଲେ ନାହିଁ କିନ୍ତୁ ସେହି ୧୧ ବର୍ଷୀୟ ବାଳକ ଛିଡ଼ା ହୋଇ ପୁନରାୟ କହିଲା ହେ ମୋ ଭାଇ ମୁଁ ଆପଣଙ୍କ ସହଯୋଗ କରିବି । ଏଥିରେ ହଜୁର ସ:ଆ:ସ ବୁଝିନେଲେ ଯେ ସମସ୍ତଙ୍କଠାରୁ ଏହି ବାଳକ ହିଁ ବୁଦ୍ଧିମାନ ଏବଂ ତାଙ୍କୁ ନିଜ ସହିତ ସାମିଲ କରିନେଲେ ଏବଂ ଶେଷ ସମୟ ପର୍ଯ୍ୟନ୍ତ ସେ ହଜୁର ସ:ଆ:ସଙ୍କ ସାଥିରେ ଅବିଚଳ ଭାବରେ ରହିଥିଲେ । ପରେ ସେ ଖଲିଫାର ଆସନରେ ମଧ୍ୟ ମନୋନୀତ ହୋଇଥିଲେ ଏବଂ ପରମେଶ୍ୱର ତାଙ୍କ ସନ୍ତାନଙ୍କୁ ମଧ୍ୟ ପୂଣ୍ୟବନ୍ତଙ୍କ ମଧ୍ୟରେ ସାମିଲ କରିଥିଲେ ଏବଂ ତାଙ୍କର ବାର ପିଢ଼ି ପର୍ଯ୍ୟନ୍ତ ତାଙ୍କର ବଂଶରେ ଅର୍ଥାତ ହଜରତ ଅଲୀ ର:ଅଙ୍କ ବଂଶରେ ଅନବରତ ବାରଜଣ ଇମାମ୍ ଜନ୍ମ ହୋଇଛନ୍ତି ।" ***(ଇଫ୍‌ତେତାହି ତକ୍‌ରିର୍ ଜଲ୍‌ସା ସାଲାନା ୧୯୫୫, ଅନୁୱାରୁଲ୍ ଉଲୁମ୍, ଖଣ୍ଡ-୨୫, ପୃ-୧୮୭-୧୮୮)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଆହୁରି କୁହନ୍ତି ହଜରତ ଅଲୀ ଯେତେବେଳେ ବିଶ୍ୱାସ ଆଣିଥିଲେ ସେତେବେଳେ ସେ ବାଲ୍ୟାବସ୍ଥାରେ ଥିଲେ ଏବଂ ଏକଥା ମଧ୍ୟ ସେ ହୃଦୟଙ୍ଗମ କରିନେଇଥିଲେ ଯେ ଏହି ମାର୍ଗରେ ମତେ ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼ିବ, ମତେ ବଳିଦାନ ଦେବାକୁ ପଡ଼ିବ ଏପରି କି ନିଜ ପ୍ରାଣର ଆହୁତି ମଧ୍ୟ ଦେବାକୁ ପଡ଼ିପାରେ ଅତଏବ ଯେତେବେଳେ ହଜୁର ନିଜ ସନ୍ଦେଶ ଦେବାପାଇଁ ଏକତ୍ରିତ କଲେ ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଅଲୀ ମଧ୍ୟ ଉପସ୍ଥିତ ଥିଲେ ଏବଂ ଭୋଜନ କରିବାପରେ ଯେତେବେଳେ ହଜୁର ଉପସ୍ଥିତ ମଣ୍ଡଳିକୁ କିଛି କହିବାକୁ ଚାହିଁଲେ ସେତେବେଳେ ଅବୁ ଲହବ୍ ସମସ୍ତଙ୍କୁ ଏପରି ଉସୁକାଇ ଦେଲେ ଯେ ସମସ୍ତେ ବିକ୍ଷିପ୍ତ ହୋଇଗଲେ । ପରବର୍ତୀ ଦିନ ହଜୁର ସ:ଆ:ସ ପୁନରାୟ ହଜ୍‌ରତ୍ ଅଲୀ ର:ଅଙ୍କୁ ସମାନ୍ ପ୍ରବନ୍ଧ କରିବାକୁ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଅତଏବ ସେ ସେହିପରି ହିଁ କଲେ ଏବଂ ହଜୁର ସ:ଆ:ସ ମଧ୍ୟ ଖାଦ୍ୟରେ ବର୍‌କତ୍ ପାଇଁ ଯେପରିକି ପୂର୍ବେ ଆଲୋଚନା ହୋଇଯାଇଛି ତାହାର ବୃତାନ୍ତ କରିଥିଲେ ଏପରି ସମସ୍ତେ ଲୋକେ ଖାଇ ତୃପ୍ତ ହୋଇଥିଲେ । ଏଥିଅନ୍ତେ ହଜୁର ନିଜର ଉଦ୍ଦେଶ୍ୟ ଯେଉଁଥିପାଇଁ ହଜୁର ସେମାନଙ୍କ ଆମନ୍ତ୍ରିତ କରିଥିଲେ, କହିଲେ ପ୍ରଭୁଙ୍କର ଅଶେଷ ଦୟା ଯେ ତୁମ ନିକଟକୁ ନିଜର ବାର୍ତାବହ ଅଲ୍ଲାଃ ତାଲା ପ୍ରେରଣ କରିଛନ୍ତି । ମୁଁ ତୁମମାନଙ୍କୁ ସେହି ପ୍ରଭୁଙ୍କ ଆଡ଼କୁ ଡ଼ାକରା ଦେଉଛି ଯଦି ତୁମେ ମୋ କଥା ସ୍ୱୀକାର କର ତେବେ ଧର୍ମ ଓ ସଂସାର ଉଭୟ କ୍ଷେତ୍ରରେ ତୁମେ ପୁରଷ୍କୃତ ହେବ ଅତଏବ ତୁମମାନଙ୍କ ମଧ୍ୟରୁ କିଏ ମୋର ଏହି କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବ । ଏହା ଶୁଣି ସମସ୍ତେ ନୀରବ ହୋଇଗଲେ

କିନ୍ତୁ ଗୋଟିଏ କଣରୁ ଜଣେ ସ୍ୱଳ୍ପ ବୟସ୍କ ବାଳକ ଛିଡ଼ା ହେଲା ଏବଂ କହିଲା ମୁଁ ଅତି ଦୁର୍ବଳ ଓ ସ୍ୱଳ୍ପ ବୟସ୍କ ବାଳକ ତଥାପି ମୁଁ ଆପଣଙ୍କ ସାଥିରେ ଅଛି । ଏହି ପିଲାଟି ହଜ୍‌ରତ୍ ଅଲୀ ର:ଅ ଥିଲା ଯିଏ ସେତେବେଳେ ଇସ୍‌ଲାମ୍‌ର ସମର୍ଥନ ପାଇଁ ଅଂଟା ଭିଡିଥିଲେ ।

***(ତଫ୍‌ସିର୍ କବୀର୍ ଖଣ୍ଡ-୭, ପୃ-୨୪-୨୫)***

ହଜ୍‌ରତ୍ ଅଲୀଙ୍କ ପ୍ରକୃତ ବଳିଦାନର ଘଟଣା ହଜୁର ସ:ଆ:ସଙ୍କ ହିଜ୍‌ରତ୍ ସମୟରେ ଦୃଶ୍ୟମାନ ହେଉଅଛି । ଯେତେବେଳେ ମକ୍କାବାସୀ ହଜୁର ସ:ଆ:ସଙ୍କ ଘର ଚାରିପଟେ ଘେରାଉ କରି ଆପଣଙ୍କ ଉପରେ ଆକ୍ରମଣ କରି କଏଦ୍ ଅବା ହତ୍ୟା କରିବାପାଇଁ ଗମ୍ଭୀର ଷଡ଼ଯନ୍ତ୍ର ପ୍ରସ୍ତୁତ କରିଥିଲେ ଯାହାକି ପ୍ରଭୁ ପୂର୍ବରୁ ଆପଣଙ୍କୁ ଦୈବିବାଣୀ ମାଧ୍ୟମରେ ଅବଗତ କରାଇଦେଇଥିଲେ ଏବଂ ଆପଣ ସ:ଆ:ସଙ୍କୁ ମଦିନାକୁ ହିଜ୍‌ରତ୍ କରିବାପାଇଁ ଅନୁମତି ପ୍ରଦାନ କରିଥିଲେ । ଅତଏବ ହଜୁର ହିଜ୍‌ରତ୍‌ର ପ୍ରସ୍ତୁତି କରି ହଜ୍‌ରତ୍ ଅଲୀ ର:ଅଙ୍କୁ ନିଜ ସେଜରେ ଶୁଆଇଦେଲେ ସେ ହଜୁରଙ୍କ ଲାଲ୍ ହଜ୍‌ରମି ଚଦର ଓଢ଼ି ଶୋଇପଡ଼ିଲେ ଅର୍ଥାତ ଆପଣଙ୍କ ବିଛଣାରେ ହଜ୍‌ରତ୍ ଅଲୀ ଶୋଇ ପଡ଼ିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୧, ପୃ-୧୭୬........ ବେରୁତ ୧୯୯୦)***

ଅମାନ୍ୟକାରୀ ଯିଏ ସାରା ରାତି ହଜୁର ସ:ଆ:ସଙ୍କ ଘର ସମ୍ମୁଖରେ ଜଗିବସି ରହିଥିଲେ ସକାଳେ ଆପଣଙ୍କ ଘରେ ପ୍ରବେଶ କଲେ ଏବଂ ହଜୁର ସ:ଆ:ସଙ୍କ ସେଜରେ ହଜ୍‌ରତ୍ ଅଲୀଙ୍କୁ ଦେଖି ପଚାରିଲେ ତୁମ ସାଥି କାହାନ୍ତି ଅର୍ଥାତ ହଜୁର ସ:ଆ:ସ କାହାନ୍ତି ? ସେ ଉତର ଦେଲେ ମୁଁ ଜାଣିନାହିଁ । କଣ ମୁଁ ତାଙ୍କର ନିରିକ୍ଷକ ଥିଲି ? ତୁମେମାନେ ତାଙ୍କୁ ମକ୍କାରୁ ଚାଲିଯିବା ପାଇଁ କହିଲ ତେଣୁ ସେ ଚାଲିଗଲେ । ଏଥିରେ ସେମାନେ ତାଙ୍କୁ ଡ଼ରାଇ ଖାନାକାବା ନିକଟକୁ ନେଇଗଲେ ଏବଂ ସେଠାରେ କିଛି ସମୟ କଏଦ ରଖିବାପରେ ଛାଡ଼ି ଦେଇଥିଲେ । ***(ତାରିଖେ ତିବ୍‌ରି ଖଣ୍ଡ-୨, ପୃ-୨୫୬..........ବେରୁତ ୨୦୦୨)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ତିନିଦିନ ମକ୍କାରେ ରହି ତାଙ୍କର ସମସ୍ତ ଅମାନତ୍ ଲୋକମାନଙ୍କୁ ଯାହାକି ଲୋକମାନେ ତାଙ୍କ ନିକଟରେ ରଖିଥିଲେ, ସେ ସବୁକୁ ଫେରସ୍ତ କରି ହିଜ୍‌ରତ୍ କରିଥିଲେ ଏବଂ ଆପଣ ମଦିନାରେ ଆଁ ହଜ୍‌ରତ୍ ସ୍ୱା:ସଙ୍କ ସହିତ କୁବାଠାରେ କୁଲ୍‌ସୁମ୍ ବିନ୍ ହିଦମ୍‌ଙ୍କ ଘରେ ରହିଥିଲେ ।

***(ସିରତୁନ୍ ନବୱିୟା.......ପୃ-୩୪୮..... ଦାରୁଲ୍ କୁତ୍‌ବୁଲ୍ ଅଲମିୟା ୨୦୦୧)***

ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଏହି ହିଜ୍‌ରତ୍ ସମୟରେ ଯେଉଁ ଘଟଣା ଘଟିଥିଲା ତାହା ଏପରି ଉଲ୍ଲେଖ ରହିଛି ଯେ:- ରାତିର ଅନ୍ଧକାର ସମୟ ଥିଲା ଅତ୍ୟାଚାରୀ କୁରୈଶ୍ ଗୋଷ୍ଠୀ ଯିଏ ଭିନ୍ନ ଭିନ୍ନ ଜାତିର ଥିେ. ସେମାନେ ହତ୍ୟ କାରିବାର ଉଦ୍ଦେଶ୍ୟ ନେଇ ହଜୁର ସ:ଆ:ସଙ୍କ ଘରର ଘେରାଉ କରିନେଇଥିଲେ ଏବଂ ଅପେକ୍ଷାରତ ଥିଲେ କି ହଜୁର ସ:ଆ:ସ ଘରୁ ବାହାରିବା ମାତ୍ରେ ଆକ୍ରମଣ କରି ଆପଣ ସ:ଆ:ସଙ୍କୁ ହତ୍ୟା କରିଦେବୁ ହଜୁର ସ:ଆ:ସଙ୍କ ନିକଟରେ କିଛି ଅମାନ୍ୟକାରୀଙ୍କ ଅମାନତ୍ ରହିଥିଲା ଏଭଳି ଶତୃତା ସତ୍ୱେ ଅଂଧିକାଶ ଲୋକ ଆପଣଙ୍କୁ ସତ୍ୟବାଦୀ ଓ ଅମାନତ୍‌ଦାର ଜାଣିଥିଲେ । ତେଣୁ ହଜୁର ସ:ଆ:ସଙ୍କୁ ସେହି ଅମାନତ୍‌ର ହିସାବ କିତାବ ବୁଝାଇ ହଜ୍‌ରତ୍ ଅଲୀ ର:ଅଙ୍କୁ ହଜୁର ସମସ୍ତ ଅମାନତ୍‌ର ହିସାବ କିତାବ ବୁଝାଇ ଏକଥାର ଦୃଢ଼ ସଂକଳ୍ପ ନେଲେ ଯେ, ସେମାନଙ୍କୁ ସେମାନଙ୍କ ଅମାନତ ଫେରସ୍ତ କରି ମକ୍କାରୁ ବାହାରିବ ନଚେତ ଏଠାରୁ ବାହାରିବନାହିଁ । ତା'ପରେ ନିଜର ବିଛଣାରେ ତାଙ୍କୁ ଶୁଆଇଦେଲେ ଏବଂ ଆଶ୍ୱାସନା ଦେଲେ ଯେ ପ୍ରଭୁ ତୁମକୁ ସୁରକ୍ଷା ପ୍ରଦାନ କରିବେ ଅତଏବ ସେ ଶୋଇ ପଡ଼ିଲେ ଏଥିଅନ୍ତେ ଆପଣ ପ୍ରଭୁଙ୍କ ନାମ ନେଇ ଘରୁ ପାଦ କାଢ଼ିଲେ ଯେତେବେଳେ କି ପ୍ରହରୀମାନେ ଅଭୁଲା ମନର ସହିତ ଘର ସମ୍ମୁଖରେ ଜଗି ରହିଥିଲେ ଏବଂ ଆପଣ ସେମାନଙ୍କ ମୁଣ୍ଡ ଉପରେ ପାଉଁଷ ଉଡ଼ାଇ ଅତିକ୍ରମ କଲାପରି ବାହାରିଗଲେ ଏବଂ ତାଙ୍କୁ ତିଳେମାତ୍ର ଏହାର ସନ୍ଦେହ ହେଲା ନାହିଁ । ହଜୁର ବେଶ୍ ନୀରବତାର ସହ ଖୁବ୍ ଶିଘ୍ର ଶିଘ୍ର ମକ୍କାର ଗଳିରୁ ବାହାରି ସୋର୍ ନାମକ ଗୁମ୍ଫା ଅଭିମୁଖେ ଅଗ୍ରସର ହେଲେ ହଜ୍‌ରତ୍ ଅବୁବକର ର:ଅଙ୍କ ସହ ପୂର୍ବରୁ ସମସ୍ତ କଥା ନିର୍ଦ୍ଧାରିତ ହୋଇଯାଇଥିଲା ତେଣୁ ସେ ବାଟରେ ହିଁ ହଜୁର ସ:ଆ:ସଙ୍କ ସହ ସାକ୍ଷାତ କଲେ ଏବଂ ଉଭୟ ଗାରେସୋର୍ ଆଡ଼କୁ ଚାଲିଲେ ଏହି ଘଟଣା ଯୋଗୁଁ ଇସ୍‌ଲାମ୍‌ର ଅର୍ଥାତ ଗାରେସୋର୍‌ର ଘଟଣା ଇସ୍‌ଲାମ୍‌ର ଇତିହାସରେ ସୁପ୍ରଶିଦ୍ଧ । ତାହା ମକ୍କାର ଦକ୍ଷିଣ ଦିଗରେ ଅର୍ଥାତ ମଦିନାର ବିପରୀତ ଦିଗରେ ପାଖାପାଖି ତିନି ମାଇଲ ଦୂରତାରେ ଅବସ୍ଥିତ ଜନଶୂନ୍ୟ ପାହାଡ଼ ଯାହା ସହିତ ସଲଗ୍ନିତ ମାର୍ଗ ମଧ୍ୟ ବେଶ୍ ଦୁରୁହ । ସେଠାରେ ପହଂଚି ପ୍ରଥମେ ହଜ୍‌ରତ୍ ଅବୁବକର ର:ଅ ଗୁମ୍ଫା ଭିତରେ ପ୍ରବେଶ କରି ତାହାକୁ ପରିଷ୍କାର କଲେ ସେଥିଅନ୍ତେ ହଜୁର ସ:ଆ:ସ ଭିତରକୁ ଗଲେ ଅର୍ଥାତ ଗୁମ୍ଫା ଭିତରକୁ ଗଲେ ଅପରପଟେ ସେହି ଅମାନ୍ୟକାରୀ ଯିଏ ଆପଣଙ୍କ ଘରର ପରିକ୍ରମା କରୁଥିଲେ ମଝିରେ ମଝିରେ ଉଣ୍ଡି ଦେଖୁଥିଲେ । ଯେବେ କି ସେଜରେ ହଜ୍‌ରତ୍ ଅଲୀ ର:ଅ ଶୟନ କରୁଥିଲେ ଏବଂ ତାଙ୍କୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମଣି ସେମାନେ ନିଶ୍ଚିନ୍ତ ହୋଇଯାଉଥିଲେ କିନ୍ତୁ ପ୍ରାତଃରେ ତାଙ୍କୁ ଜ୍ଞାତ ହେଲା ଯେ ସେମାନଙ୍କ ଶିକାର ତ ତାଙ୍କ ହାତରୁ ଖସି ଯାଇଛି ଏଥିରେ ସେମାନେ ଏଣେତେଣେ ବାହାରିଗଲେ ମକ୍କାର ସମସ୍ତ ଅଟ୍ଟାଳିକାମାନ ଛାପା ମାରିବା ପରେ ଯେତେବେଳେ ହଜୁରଙ୍କ କୌଣସି ପତା ମିଳିଲାନାହିଁ ଏହି କ୍ରୋଧରେ ହଜ୍‌ରତ୍ ଅଲୀଙ୍କୁ ଧରି ବିଭିନ୍ନ ନିର୍ଯ୍ୟାତନା ଓ କଷ୍ଟ ମଧ୍ୟ ଦେଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍....... ପୃ-୨୩୬-୨୩୭)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଉତ୍ସର୍ଗୀକୃତ ବଳିଦାନର ଚର୍ଚ୍ଚା କରି ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ଘରୁ ପାଦ କାଢ଼ିବା କ୍ଷଣି ହଜ୍‌ରତ୍ ଅଲୀଙ୍କୁ ନିଜ ସେଜରେ ଶୁଆଇ ଦେଲେ ସେତେବେଳେ ଖଟିଆର ପ୍ରଚଳନ ନଥିଲା ବରଂ ଏପର୍ଯ୍ୟନ୍ତ ସୁଦ୍ଧା ଖଟିଆର ପ୍ରଚଳନ ନାହିଁ । କେତେକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ନିଜ ଖଟିଆରେ ତାଙ୍କୁ ଶୁଆଇ ଦେଇଥିଲେ ଅର୍ଥାତ ହଜ୍‌ରତ୍ ଅଲୀ ର:ଅଙ୍କୁ । ଯେତେବେଳେ ହଜୁର ସ:ଆ:ସ ସେହି ଅମାନ୍ୟକାରୀମାନଙ୍କ ନିକଟରୁ ଅତିକ୍ରମ କରି ବାହାରିଗଲେ ସେତେବେଳେ ସେମାନେ ଆପଣଙ୍କୁ ଦେଖିଲେ ଏବଂ ସେମାନେ ମଣିଲେ ଯେ ଏ ଅନ୍ୟକେହି ଅର୍ଥାତ ଅମାନ୍ୟକାରୀମାନେ ହଜୁର ସ:ଆ:ସଙ୍କୁ ଦେଖି ଚିନ୍ତା କଲେ ଇଏ ଅନ୍ୟ କେହି ଯିଏ ଆପଣ ସ:ଆ:ସଙ୍କ ସହ ଅର୍ଥାତ ହଜୁର ସ:ଆ:ସଙ୍କ ସହ ସାକ୍ଷାତ କରିବାପାଇଁ ଆସିଥିଲେ କାରଣ ହଜୁର ସ:ଆ:ସ ବେଶ୍ ନିର୍ଭିକ ଭାବରେ ସହ ଚାଲୁଥିଲେ ସେଥିଅନ୍ତେ ସେମାନେ କବାଟ ଫାଟକରେ ଘର ଭିତରକୁ ଉଣ୍ଡିଲେ କି ହଜୁର ସ:ଆ:ସ ଘରୁ ବାହାରକୁ ତ ଚାଲିଯାଇନାହାନ୍ତି । କିନ୍ତୁ ଆପଣଙ୍କ ସେଜରେ ଜଣଙ୍କୁ ଶୟନ କରୁଥିବାର ଅବସ୍ଥାରେ ଦେଖି ସେମାନେ ଆଶ୍ୱସ୍ଥ ହୋଇଯାଇଥିଲେ ଯେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଶୟନ କରୁଛନ୍ତି ସୁତରାଂ ଏପରି ସାରା ରାତି ଆପଣଙ୍କ ଘର ଚାରିପଟେ ପ୍ରହରା ଦେଇ ସେ ଅତିବାହିତ କରିଥିଲେ । ସକାଳେ ସଠିକ୍ ସମୟ ଦେଖି ଭିତରକୁ ପ୍ରବେଶ କଲେ ସମ୍ଭବତଃ ଶରୀର ଗଠନ ଦେଖି ସେମାନଙ୍କୁ ସନ୍ଦେହ ହୋଇଯାଇଥିଲା ଓ ସେମାନଙ୍କୁ ହେଜ ପଶିଥିଲା ଯେ ଏ ମୁହମ୍ମଦ ସ:ଆ:ସ ନୁହନ୍ତି । ଅତଏବ ସେମାନେ ମୁହଁ ଉପରକୁ କପଡ଼ା ଉଠାଇଲେ ଅବା ମୁଖ ଫୁଙ୍ଗୁଳା ଥିଲା ସେ ଯାହା ହେଉ ତାଙ୍କୁ ଜ୍ଞାତ ହେଲା ଯେ ସେ ହେଉଛନ୍ତି ହଜ୍‌ରତ୍ ଅଲୀ ଏବଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ସେଠାରୁ ଚାଲିଯାଇଛନ୍ତି ସେତେବେଳେ ସେମାନଙ୍କ ହସ୍ତରେ ପରାଜୟ ବ୍ୟତିତ କିଛି ନଥିଲା । ***(ତଫ୍‌ସିର୍ କବୀର୍ ଖଣ୍ଡ-୮, ପୃ-୫୧୦)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉକ୍ତ ଘଟଣାର ଚର୍ଚ୍ଚା କରି କୁହନ୍ତି ଅଲ୍ଲାଃ ତାଲା ହଜ୍‌ତର୍ ଅଲୀ ର:ଅଙ୍କୁ ଉକ୍ତ ମହାନ୍ ବଳିଦାନ ଦେବାପାଇଁ ଯେଉଁ ସାମର୍ଥ୍ୟ ପ୍ରଦାନ କରିଥିଲେ ଯେତେବେଳେ ହଜୁର ସ:ଆ:ସ ହିଜ୍‌ରତ୍ ପାଇଁ ରାତ୍ର ସମୟରେ ନିଜ ଘରୁ ବାହାରିଲେ ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ତୁମେ ବୋ ବିଛଣାରେ ଶୋଇପଡ଼ କାରଣ ଯଦି ଅବିଶ୍ୱାସକାରୀମାନେ ଦେଖିବେ ସେତେବେଳେ ସେମାନଙ୍କୁ ଏହା ଦୃଶ୍ୟମାନ ହେବ ଯେପରି କି ମୁଁ ନିଜେ ହିଁ ବିଛଣାରେ ଶୋଇଛି ଏବଂ ସେମାନେ ମୋ ପିଛା କରିବାପାଇଁ ଏଣେତେଣେ ବାହାରିବେ ନାହିଁ । ସେତେବେଳେ ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କୁ ଏହା କହିନଥିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ! ଆପଣଙ୍କ ବାସଭବନର ଆଖପାଖରେ ତ କୁରୈଶ୍‌ମାନଙ୍କର ବଛା ବଛା ଯୁବକମାନେ ହାତରେ ତରବାରୀ ଧରି ଛିଡ଼ା ହୋଇଛନ୍ତି ଯଦି ସକାଳେ ସେମାନେ ଏହା ଜାଣନ୍ତି ଯେ ଆପଣ କୁଆଡ଼େ ଚାଲିଯାଇଛନ୍ତି ସେତେବେଳେ ସେମାନେ ମୋ ଉପରେ ଆକ୍ରମଣ କରି ମତେ ହତ୍ୟା କରିଦେବେ । ତା ନୁହେଁ ବରଂ ସେ ଅର୍ଥାତ ହଜ୍‌ରତ୍ ଅଲୀ ର:ଅ ଅତ୍ୟନ୍ତ ଧୈର୍ଯ୍ୟର ସହିତ ହଜୁର ସ:ଆ:ସଙ୍କ ବିଛଣା ଉପରେ ଶୋଇପଡ଼ିଥିଲେ ଏବଂ ତାଙ୍କ କହିବା ଅନୁଯାୟୀ ଅର୍ଥାତ ଆଦେଶ ଅନୁଯାୟୀ ପାଳନ କରିଥିଲେ । ହଜୁର ସ:ଆ:ସ ନିଜର ଚାଦର ହଜ୍‌ରତ୍ ଅଲୀ ର:ଅଙ୍କୁ ଘୋଡ଼ାଇ ଦେଇଥିଲେ ଯେତେବେଳେ ସକାଳ ହେଲା କୁରୈଶ୍‌ମାନେ ଏହା ଦେଖିଲେ ଯେ ମୁହମ୍ମଦ ସ:ଆ:ସଙ୍କ ପରିବର୍ତେ ହଜ୍‌ରତ୍ ଅଲୀ ର:ଅ ତାଙ୍କ ବିଛଣାରେ ଶୋଇଛନ୍ତି । ସେତେବେଳେ ସେହି ଅବିଶ୍ୱାସକାରୀମାନେ ନିଜର ପରାଜୟତା ଉପରେ ଦାନ୍ତ ତଳେ ହାତ ଚୋବାଇଥିଲେ । ଅର୍ଥାତ ଅତ୍ୟନ୍ତ କ୍ରୋଧିତ ହୋଇ ଉଠିଥିଲେ । ହଜ୍‌ରତ୍ ଅଲୀଙ୍କୁ ମଧ୍ୟ ଧରି ଖୁବ୍ ମାଡ଼ ଦେଇଥିଲେ କିନ୍ତୁ ସେମାନଙ୍କୁ ଏଥିରୁ କଣ ବା ମିଳିଥାନ୍ତା ଅଲ୍ଲାଃ ତାଲାଙ୍କ ଭାଗ୍ୟ ଲେଖନି ଆଗରୁ ଯାହାକି ଧାର୍ଯ୍ୟ ଥିଲା ହଜ୍‌ତର୍ ମୁହମ୍ମଦ ସ:ଆ:ସଙ୍କୁ ସକୁଶଳେ ମକ୍କାରୁ ବାହାରିବାକୁ ସୁଯୋଗ ପ୍ରଦାନ କରିଦେଇଥିଲା । ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ କଣ ବା ଜଣାଥିଲା କି ବିଶ୍ୱାସ ବଦଳରେ କଣ ପ୍ରାପ୍ତ ହେବ । ତାଙ୍କୁ ଏହି ଆଦେଶ ପାଳନ କରିବା ଫଳରେ ହଜୁର ସ:ଆ:ସଙ୍କ ଆଦେଶ ପାଳନ କରିବା ଫଳରେ କଣ ପୁରଷ୍କାର ମିଳିବ ? ହଁ ଅଲ୍ଲାଃ ତାଲା ହିଁ ଭଲଭାବରେ ଜାଣିଥିଲେ ଯେ ତାଙ୍କୁ ଉକ୍ତ ତ୍ୟାଗ ବଦଳରେ କେବଳ ସମ୍ମାନ ଓ ମର୍ଯ୍ୟାଦା ହିଁ ପ୍ରାପ୍ତ ହେବନାହିଁ ବରଂ ହଜ୍‌ରତ୍ ଅଲୀ ର:ଅଙ୍କ ସନ୍ତାନମାନଙ୍କୁ ମଧ୍ୟ ସମ୍ମାନ ଓ ଗୌରବ ପ୍ରାପ୍ତ ହେବ । ସୁତରାଂ ଅଲ୍ଲାଃ ତାଲା ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ପ୍ରଥମ କୃପା ଏହା କଲେ କି ହଜ୍‌ରତ୍ ଅଲୀ ର:ଅଙ୍କୁ ହଜୁର ସ:ଆ:ସଙ୍କର ଜ୍ୱାଇଁ ହେବାର ସୌଭାଗ୍ୟ ଲାଭ ହେଲା । ଅଲ୍ଲାଃ ତାଲା ହଜ୍‌ରତ୍ ଅଲୀ ର:ଅଙ୍କ ଦ୍ୱିତୀୟ କୃପା ଏହା କରିଥିଲେ ଯେ ହଜୁର ସ:ଆ:ସଙ୍କ ମନରେ ହଜ୍‌ରତ୍ ଅଲୀଙ୍କ ପାଇଁ ଏତେ ପ୍ରେମ ଉତ୍ପନ୍ନ କରିଦେଇଥିଲେ ଯେ ହଜୁର ସ:ଆ:ସ ତାଙ୍କର ଅନେକଥର ପ୍ରଶଂସା କରିଛନ୍ତ । ସେ ଯାହା ହେଉ ଏହି ଘଟଣା ବିଭିନ୍ନ ଶୈଳୀରେ ଦରଜ ରହିଛି ଏ ସମସ୍ତ ବର୍ଣ୍ଣନାର ଆଲୋଚନା କରିବା ଉଦ୍ଦେଶ୍ୟ ଉକ୍ତ ଘଟଣାର ବ୍ୟାଖ୍ୟା ସ୍ୱଷ୍ଟରୂପେ କରିଦେବା ଅଟେ ଯେଉଁଥିରୁ କେତେକ ନୂତନ କଥା ମଧ୍ୟ ଜ୍ଞାତ ହୋଇଥାଏ ଏବଂ ଏଠାରେ ହଜ୍‌ରତ୍ ଅଲୀ ର:ଅଙ୍କ ବ୍ୟକ୍ତିତ୍ୱ ଓ ପଦମର୍ଯ୍ୟାଦାର ବିଭିନ୍ନ ଦିଗ ଆମମାନଙ୍କ ନିକଟରେ ପରିପ୍ରକାଶ ହୋଇଥାଏ ଏବଂ ହଜୁର ସ:ଆ:ସଙ୍କ ପ୍ରତ୍ୟେକ ସାହାବାଙ୍କ ସହ ଯେଉଁ ସମ୍ପର୍କ ରହିଥିଲା ତାହା ମଧ୍ୟ ଉନ୍ମୋଚିତ ହୋଇଯିବ । ତେଣୁ ଗୋଟିଏ ଘଟଣାର ବିଭିନ୍ନ ଦ୍ରଷ୍ଟବ୍ୟରେ

ଭିନ୍ନ ଭିନ୍ନ ଶୈଳୀରେ ଦରଜ ରହିଛି ଯାହା କି ମୁଁ ଏଠାରେ ଆଲୋଚନା କରିଦେଲି । ହଜ୍‌ରତ୍ ଅଲୀଙ୍କ ପ୍ରସଙ୍ଗୀୟ ବାକି ଘଟଣାମାନ ଆସନ୍ତା ଖୁତ୍‌ବାରେ ଆଲୋଚନା କରିବି ଇନ୍‌ଶାଅଲ୍ଲାଃ ତାଲା ।

ବର୍ତମାନ ମୁଁ କିଛି ମୃତକଙ୍କର ଆଲୋଚନା କରିବାକୁ ଯାଉଛି ସେମାନଙ୍କ ମଧ୍ୟରେ ପ୍ରଥମେ ହେଲେ ଡ଼ାକ୍ତର ତାହେର୍ ମେହମୁଦ୍ ସାହେବ୍ ଶହୀଦ ପିତା ତାରିକ୍ ମେହମ୍ମୁଦ୍ ସାହେବ୍ ଜିଲ୍ଲା ନନ୍‌କାନା । ବିରୋଧିମାନେ ଚଳିତମାସ ୨୦ ତାରିଖ ଦିନ ଯେତେବେଳେ ସେ ଜୁମା ନମାଜ ପଢ଼ି ଘରକୁ ଫେରୁଥିଲେ ତାଙ୍କ ଉପରକୁ ଗୁଳିଚାଳନା କରି ଶହୀଦ କରିଦେଲେ, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ହସ୍ତଗତ ଖବର ଅନୁଯାୟୀ ଘଟଣା ଦିନ ଶହିଦ ନିଜ ପିତା ଓ ପରିବାରବର୍ଗଙ୍କ ସାଥିରେ ନମାଜ ଜୁମା ପଢ଼ିବା ନିମନ୍ତେ ନିଜ ବଡ଼ବାପା ଶ୍ରୀମାନ ମୁହମ୍ମଦ ହଫିଜ୍ ସାହେବଙ୍କ ଘରେ ଏକତ୍ରିତ ହୋଇଥିଲେ । ଜୁମା ପାଠ କରି ଅଢ଼େଇଟା ବେଳେ ନିଜ ଘରକୁ ଏକ ଗଳି ରାସ୍ତାରେ ଯାଉଥିଲେ ଯେଉଁଠାରେ ମେହଦ୍ ନାମ୍ନୀ ଜଣେ ୧୬ ବର୍ଷୀୟ ବାଳକ ପିସ୍ତଲ ନେଇ ଅପେକ୍ଷାରତ ଥିଲା ଡ଼ାକ୍ତର ସାହେବଙ୍କୁ ଦେଖି ଅନବରତ ଗୁଳିଚାଳନା କରିବା ଆରମ୍ଭ କରିଦେଇଥିଲା ଯଦ୍ୱାରା ଘଟଣା ସ୍ଥଳରେ ହିଁ ଡ଼ାକ୍ତର ସାହେବଙ୍କ ଜୀବନ ଚାଲିଗଲା । ତାଙ୍କୁ ମାତ୍ର ୩୧ ବର୍ଷ ବୟସ ହୋଇଥିଲା ତାଙ୍କ ପିତାଙ୍କ ବୟସ ୫୫ ବର୍ଷ ସେ ସେକ୍ରେଟାରୀ ମାଲ୍ ସେବାର ସମ୍ପାଦନ କରିଛନ୍ତି ଏବଂ ପୂର୍ବତନ ସଦର ମଧ୍ୟ ଥିଲେ ତାଙ୍କ ମୁଣ୍ଡରେ ମଧ୍ୟ ଗୁଳି ବାଜିଛି ବର୍ତମାନ ସେ ଚିକିତ୍ସାଧିନ ଅଛନ୍ତି ଅର୍ଥାତ ଡ଼ାକ୍ତର ତାହେର୍ ସାହେବଙ୍କର ପିତା । ଶହୀଦଙ୍କ ବଡ଼ବାପା ଶ୍ରୀମାନ ସଇଦ୍ ଅହେମଦ୍ ମକ୍‌ଶୁଦ୍ ସାହେବ ବୟସ ୬୦ ଓ ଏବେ ସେ ସଦର୍ ଯମାତ୍ ଅଛନ୍ତି ଓ ଶ୍ରୀମାନ ତୟବ ସାହେବ ଜଇମ୍ ଖୁଦାମୁଲ୍ ଅହେମଦୀୟା ମଧ୍ୟ ଉକ୍ତ ଗୁଳି କାଣ୍ଡରେ ଆଘାତିତ ହୋଇଛନ୍ତି ଏବଂ ଚିକିତ୍ସାଧିନ ଅବସ୍ଥାର କିଛିଦିନ ପରେ ସେ ଘରକୁ ଫେରିଆସିଛନ୍ତି । ବର୍ତମାନ ସେ ସୁସ୍ଥ ମଧ୍ୟ ହୋଇଗଲେଣି କିନ୍ତୁ ଶହୀଦଙ୍କ ପିତା ଏବେ ସୁଦ୍ଧା ଚିକିତ୍ସାଧିନ ଅବସ୍ଥରେ ଅଛନ୍ତି । ଆକ୍ରମଣକାରୀ ଦୁଇଟି ମାଗାଜିନ୍ ଫାୟାର କରି ତୃତୀୟ ମାଗାଜିନ୍ ଲୋଡ଼ କରୁଥିବା ବେଳେ ସେ ଧରାପଡ଼ିଥିଲା । ସେ ଯାହା ହେଉ ଶତ୍ରୁର ଏହା ଏକ ନୂତନ କୌଶଳ ଓ ପନ୍ଥା କି ଛୋଟ ବୟସର ନାବାଳକ ପିଲାମାନଙ୍କୁ ଭ୍ରମିତ କରି ଆକ୍ରମଣ କରୁଛନ୍ତି ଯଦ୍ୱାରା ଅଦାଲତରେ କହିପାରିବେ ଯେ ଏ ତ ନାବାଳକ ତାହାକୁ କମ୍ ରୁ କମ୍ ଦଣ୍ଡବିଧାନ କରାଯାଉ ଅବା କ୍ଷମା କରିଦିଆଯାଉ ପୁଣି ପରେ ସେମାନେ କହିବେ ଯେ ଆମକୁ ଏହାର କୌଣସି ପଶ୍ଚାତାପ ନାହିଁ ଏବଂ ଆମେ କୌଣସି ଅନ୍ୟାୟ ଅତ୍ୟାଚାର କରୁନାହୁଁ । ଅହେମଦୀମାନଙ୍କ ଉପରେ ଆମେ ଯେଉଁ ଅନ୍ୟାୟ ଅତ୍ୟାଚାର କରୁଛୁ ଏଥିରେ ଆମକୁ କୌଣସି ପଶ୍ଚାତାପ ନାହିଁ କାରଣ ଏମାନେ ଏହି ଅତ୍ୟାଚାରର ଅଧିକାରି । ଅଲ୍ଲାଃ ତାଲା ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସ୍ୱୟମ ଏମାନଙ୍କୁ ଧରି ଦଣ୍ଡିତ କରନ୍ତୁ ।

ମୃତକଙ୍କ ପରିବାରବର୍ଗରେ ଅହେମଦୀୟତର ଆଗମନ ତାଙ୍କ ଦଦା ହକିମ୍ ମୁହମ୍ମଦ ଇବ୍ରାହିମ୍ ସାହେବଙ୍କ ମାଧମରେ ଆସିଥିଲା ଯେ ମାତ୍ର ୧୩ ବର୍ଷ ବୟସରେ ନିଜ ପରିଜନଙ୍କ ସାଥିରେ ଦ୍ୱିତୀୟ ଖଲିଫାଙ୍କ ସମୟକାଳରେ ବୟତ କରିଥିଲେ । ମୃତକ ଇସ୍‌ଲାମୀୟ କଲେଜ୍ ଲାହୋର୍‌ରୁ ଏଫ୍‌ଏସ୍‌ସି କରି ୨୦୧୩ ମସିହାରେ ମସ୍କୋ (ଋଷ)ଠାରେ ଏମ୍‌ବିବିଏସ୍‌ର ସ୍ନାତକ ହାସଲ କରିଥିଲେ ଏବଂ ଆଜିକାଲି ପିଏମ୍‌ସିର ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଫଜ୍‌ଲେ ଉମ୍‌ର ହସ୍ପିଟାଲ୍‌ରେ ମଧ୍ୟ ପ୍ରାକ୍ଟିସ୍ କରୁଥିଲେ । ମୃତକ ଅନେକ ସୁଗୁଣର ଅଧିକାରୀ ଥିଲେ ଖିଲାଫତ୍ ସହ ଅଶେଷ ପ୍ରେମ ଓ ନିବିଡ଼ତା ଥିଲା । ଯମାତୀୟ କର୍ମକର୍ତା ଓ କେନ୍ଦ୍ରୀୟ ଅତିଥିମାନଙ୍କୁ ମର୍ଯ୍ୟାଦା ପ୍ରଦାନ କରିବା ତଥା ଯମାତ୍ କୌଣସି କାର୍ଯ୍ୟ କରିବାକୁ କହିଲେ ସଙ୍ଗେ ସଙ୍ଗେ ହାଜର ହୋଇଯାଉଥିଲେ । ସେ କାଏଦ୍ ଭାବରେ ମଧ୍ୟ ସେବା ସମ୍ପାଦନ କରିଛନ୍ତି । ଏକାଧିକ ଥର ରୋଗୀମାନଙ୍କୁ ନିଜ ବାହନରେ ବସାଇ ହସ୍ପିଟାଲ୍‌ରେ ପହଂଚାଇ ଦେଉଥିଲେ । ସର୍ବଦା ସେବାପାଇଁ ତତ୍ପର ରହୁଥିଲେ । ଅଣଅହେମଦୀଙ୍କ ସହ ମଧ୍ୟ ତାଙ୍କର ସମ୍ପର୍କ ବେଶ୍ ଭଲ ଥିଲା । ଅନେକ ନ୍ୟାୟବନ୍ତ ଅଣଅହେମଦୀ ମଧ୍ୟ ତାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ତାଙ୍କ ପରିବାର ଅନେକ ବର୍ଷ ହେଲା ବିରୋଧିମାନଙ୍କ ଅନ୍ୟାୟ, ଅତ୍ୟାଚାରର ଶିକାର ହୋଇଆସୁଅଛି । ୧୯୭୪ ମସିହାରେ ମଧ୍ୟ ବିରୋଧିମାନେ ତାଙ୍କ ଦଦାଙ୍କ ଦୋକାନକୁ ଜାଳି ଦେଇଥିଲେ । ୨୦୦୬ ମସିହାରେ ତାଙ୍କ ପିତା ମଧ୍ୟ ବିରୋଧିମାନଙ୍କ ଅନ୍ୟାୟ, ଅତ୍ୟାଚାରର ଶିକାର ହୋଇଥିଲେ । କିଛିଦିନ ପୂର୍ବେ ଜଣେ ଦୁଷ୍ଟ ବ୍ୟକ୍ତି ମୃତକଙ୍କ ପିତାଙ୍କ ଉପରକୁ ଛାପ ଫିଙ୍ଗିଦେଇଥିଲେ । ଏପରି କିସମ କିସମର ଅତ୍ୟାଚାର ସେମାନଙ୍କୁ ସହ୍ୟ କରିବାକୁ ପଡୁଛି ତଥାପି ସେମାନେ ଦୃଢ଼ତାର ସହ ଏସବୁ ବରଦାସ୍ତ କରୁଛନ୍ତି ଏବଂ ନିଜ ବିଶ୍ୱାସରେ ଅଟଳ ରହିଛନ୍ତି ।

ସଦାକତ୍ ଅହେମଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ସେଂଟ ପିଟର୍ସବର୍ଗ ଋଷିଆରୁ ଲେଖିଛନ୍ତି ସେ ନିଜ ଶିକ୍ଷା ହାସଲ କରିବାର ଏକ ବଡ଼ ଅବଧି ତ୍ୱାଜାନ୍ ତାତାରସ୍ତାନ୍ ଋଷିଆରେ ଅତିବାହିତ କରିଥିଲେ ଅର୍ଥାତ ଡ଼କ୍ଟର ତାହେର୍ ସାହେବ୍ ଏବଂ ଜଣେ ସଫଳ ଡ଼ାକ୍ତର ହୋଇ ପାକିସ୍ତାନକୁ ଫେରିଥିଲେ । ସେ ନମାଜ ଜୁମା ଓ ଚାନ୍ଦା ଦେବାରେ ସର୍ବଦା ଆଗରେ ରହୁଥିଲେ । ବେଶ୍ ନିଷ୍ଠାବାନ ଓ ଅନ୍ୟାନ୍ୟ ଯମାତୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତତ୍ପର ଥିଲେ । ଯେବେ କି ତାଙ୍କ ହଷ୍ଟେଲ୍ ଯମାତ୍ ସେଂଟରଠାରୁ ବହୁ ଦୁରରେ ଅବସ୍ଥିତ ଥିଲା ତଥାପି ଅତି ଆଗ୍ରହର ସହ, ଉତ୍ସାହର ସହ ସେ ଯମାତ୍‌ର କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ । ସେ କୁହନ୍ତି ତାଙ୍କର ଗଣନା ମେଡ଼ିକାଲ ଛାତ୍ରମାନଙ୍କ ବୁଦ୍ଧିମାନ ଛାତ୍ରମାନଙ୍କ ମଧ୍ୟରେ ହେଉଥିଲା ଯଦିଚ ଇଂରାଜୀ ଭାଷାରେ ତାଙ୍କର ପାଠ୍ୟକ୍ରମ ଥିଲା କିନ୍ତୁ ବ୍ୟକ୍ତିଗତ ଆଗ୍ରହତା ଯୋଗୁଁ ଋଷିଆନ୍ ଭାଷା ମଧ୍ୟ ସେ ବେଶ୍ ଭଲଭାବରେ ଶିଖି ନେଇଥିଲେ । ସେଠାରେ ହଷ୍ଟେଲ୍‌ରେ ସମସ୍ତଙ୍କୁ ଜ୍ଞାତ ଥିଲା ଯେ ସେ ଜଣେ ଅହେମଦୀ ଷ୍ଟୁଡ଼େଂଟ ସେଥିଯୋଗୁଁ ମଧ୍ୟ ସେଠାରେ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା କାରଣ ସେଠାରେ ଅନ୍ୟ ପାକିସ୍ତାନ ଛାତ୍ର ମଧ୍ୟ ଥିଲେ ଏବଂ ଯମାତ୍‌ର କଠୋର ବିରୋଧି ଥିଲେ । କିନ୍ତୁ ତାଙ୍କୁ ଯେତେବେଳେ ମଧ୍ୟ ସୁଯୋଗ ମିଳୁଥିଲା ସେ ପ୍ରଚାର କାର୍ଯ୍ୟରେ ଯୋଡ଼ି ହୋଇଯାଉଥିଲେ । ସେ କହୁଛନ୍ତି ପାକିସ୍ତାନରେ ତାଙ୍କର ମୋ ସହିତ ସାକ୍ଷାତ ହେଲା ସେତେବେଳେ ସେ କହିଲେ, ମୁଢ଼ ବେଲୁଚାଁରେ ଅର୍ଥାତ ତାଙ୍କ ଗ୍ରାମରେ, ଦିନକୁ ଦିନ ଆମ ବିରୋଧ ବଢ଼ିଚାଲିଛି ତେଣୁ ରବୁଓ୍ୱା ସ୍ଥାନାନ୍ତରିତ ହେବାକୁ ମନସ୍ଥ କରିଛି । ରବୁଓ୍ୱାରେ ସେ ନିଜ ଘର ମଧ୍ୟ ନିର୍ମାଣ କରିନେଇଥିଲେ । ଫରିଦ୍ ଅବ୍‌ରା ଗିଉଫ୍ କାଜାନ୍ ତାତାରସ୍ତାନ୍‌ର ଜଣେ ଋଷିଆନ୍ ଅହେମଦୀ ସେ କହୁଛନ୍ତ: ମରହୁମ୍ ବହୁତ ଜଲ୍‌ଦି ଋଷିଆ ଭାଷା ଶିଖି ଯାଇଥିଲେ ସେ ଅତ୍ୟନ୍ତ ପ୍ରସନ୍ନଚିତ ଓ ପୂଣ୍ୟ ସ୍ୱଭାବର ଅଧିକାରୀ ଥିଲେ । ତାଙ୍କର ହସ ହସ ଚେହେରାରୁ ଜ୍ୟୋତି ପ୍ରକାଶ୍ୟ ହେଉଥିଲା ।

ସ୍ୱର୍ଗତଙ୍କ ପରିବାରବର୍ଗଙ୍କ ମଧ୍ୟରେ ତାଙ୍କର ବାପା ତାରିକ୍ ମେହମୁଦ୍ ସାହେବଙ୍କ ବ୍ୟତିତ ମା ସମ୍ମାନନୀୟା ସମିମ୍ ଅଖ୍‌ତର୍ ସାହିବା ଓ ଭାଇ କାସିମ୍ ମେହମୁଦ୍ ସାହେବ ଜର୍ମାନୀରେ ବସବାସ କରୁଛନ୍ତି ଏବଂ ତାଙ୍କ ଭଉଣୀ ଫାଇଜା ମେହମୁଦ୍ ସାହେବ ପତ୍ନୀ ନସିର୍ ଅହେମଦ୍ ସାହେବ ଜର୍ମାନୀରେ ଅଛନ୍ତି ଏମାନେ ହେଉଛନ୍ତି ମୃତକଙ୍କ ପରିବାରବର୍ଗ । ଅଲ୍ଲାଃ ତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନିତ କରନ୍ତୁ ଅନ୍ୟମାନଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ ଏବଂ ନିରାମୟତା ପ୍ରଦାନ କରନ୍ତୁ ଏବଂ ସମସ୍ତ ବିପଦଆପଦରୁ ସୁରକ୍ଷିତ ରଖନ୍ତୁ । ମୃତକଙ୍କ ପରିବାରବର୍ଗ ଓ ସମ୍ପର୍କୀୟଙ୍କୁ ନିଜର କୃପା ଓ ଦୟାର ବଳୟ ମଧ୍ୟରେ ସଦେବ ରଖନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନୀୟ ସ୍ୱର୍ଗତ ଜମାଲୁଦ୍ଦିନ୍ ମେହମୁଦ୍ ସାହେବଙ୍କ । ସ୍ୱର୍ଗତ ଜମାଲୁଦ୍ଦିନ୍ ସାହେବ ସେରୋଲିଓନ୍‌ର ଜେନେରାଲ୍ ସେକ୍ରେଟାରୀ ଥିଲେ । ନଭେମ୍ବର ମାସ ୩ ତାରିଖ ଦିନ ହଠାତ୍ ହୃଦଘାତ ହେବାଯୋଗୁଁ ତାଙ୍କର ଅକାଳ ବିୟୋଗ ଘଟିଥିଲା, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ସ୍ୱର୍ଗତ ଜମାଲୁଦ୍ଦିନ୍ ସାହେବ ବିଗତ ୧୬ ବର୍ଷ ଧରି ଜେନେରାଲ୍ ସେକ୍ରେଟାରୀ ହିସାବରେ କର୍ମ ସମ୍ପାଦନ କରିଆସୁଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ମଧ୍ୟ ଥିଲେ । ମିସ୍‌ନାରୀ ଇନ୍‌ଚାର୍ଜ ସଇଦୁର୍ ରହ୍‌ମାନ୍ ସାହେବ ଉଲ୍ଲେଖ କରନ୍ତି । ସ୍ୱର୍ଗତଙ୍କର ଅନେକ ସୁଗୁଣବଳୀ ବ୍ୟତିତ ଏକ ବଡ଼ ସୁଗୁଣ ଏହା ରହିଥିଲା ଯେ, ସମସ୍ତ ସଂସାରର ଅହେମଦୀମାନଙ୍କୁ ଜାତିଆଣ ମନୋଭାବରୁ ଉର୍ଦ୍ଧରେ ରଖି ଗୋଟିଏ କୁଟୁମ୍ବ ରୂପେ ଗଢ଼ିବାକୁ ସେ ବ୍ୟବହାରିକ ଅର୍ଥାତ ଚରିତାର୍ଥ କରିବାକୁ ଚାହୁଁଥିଲେ । ସେ ବୌଦ୍ଧିକତା ଏବଂ ନୈଷ୍ଠିକତାର ସହ ନିଜର ସେବା ସମ୍ପାଦନ କରୁଥିଲେ । ପ୍ରାୟ ୨୦୦୦ ଲୋକ ତାଙ୍କର ନମାଜ ଯନାଜାଃ ଓ ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ । ଉକ୍ତ ଅବସରରେ ସେରୋଲିଓନ୍‌ର ଦୁଇଜଣ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଓ ସଂସଦର ଅନ୍ୟାନ୍ୟ ଅନେକ ସଦସ୍ୟମାନେ ତଥା ପାରାମାଉଁଟ ଚିଫ୍ ସମେତ ୨୦ରୁ ଉର୍ଦ୍ଧ ଉଚ୍ଚ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

ନୁସ୍‌ରତ୍‌ଜାହାଁର ସେକ୍ରେଟାରୀ ମୁବାରକ୍ ତାହେର୍ ସାହେବ କୁହନ୍ତି ସ୍ୱର୍ଗତ ଜମାଲୁଦ୍ଦିନ୍ ସାହେବ ଅତ୍ୟନ୍ତ ନିଷ୍ଠାବାନ ଓ ଆତ୍ମଉର୍ସଗୀ ଓ ମନପ୍ରାଣ ଦେଇ ଯମାତ୍‌ର ସେବା ସମ୍ପାଦନ କରୁଥିବା ବ୍ୟକ୍ତି ଥିଲେ । ଦୀର୍ଘ ବର୍ଷ ଧରି ସେ ଜେନେରାଲ୍ ସେକ୍ରେଟାରୀ ଭାବରେ ସେବା କରିଆସୁଥିଲେ । ସେହିପରି ଅହେମଦୀୟା ପ୍ରିଂଟପ୍ରେସ ସେରୋଲିଓନ୍‌ର ନାଏବ୍ ମ୍ୟାନେଜର ମଧ୍ୟ ଥିଲେ । ସ୍ୱର୍ଗତଙ୍କର ସମ୍ପର୍କ ଘାନା ସହିତ ଥିଲା ତାଙ୍କର ପିତା ସମ୍ମାନନୀୟ ଇବ୍ରାହିମ୍ କୋଜୋ, ମେହମୁଦ୍ ସାହେବଙ୍କୁ ହଜ୍‌ରତ୍ ମୌଲାନା ନଜିର୍ ଅହେମଦ୍ ମୁବ୍‌ଶିର୍ ସାହେବ ଶିକ୍ଷା ଭୂମିରେ ସେବା କରିବାପାଇଁ ସେରୋଲିଓନ୍ ପ୍ରେରଣ କରିଦେଇଥିଲେ । ମୁବାରକ୍ ତାହେର୍ ସାହେବ ଲେଖୁଛନ୍ତି ଯେ, ଯମାଲ୍ ସାହେବ୍ ଦୀର୍ଘ ୧୩ ବର୍ଷ ପର୍ଯ୍ୟନ୍ତ ମୋ ସାଥିରେ ରୋକୋପୁରଠାରେ ରହିଥିଲେ । ତାଙ୍କର ପିତା ତାଙ୍କ ଶିକ୍ଷା ଲାଗି ତାଙ୍କ ନିକଟରେ ତାଙ୍କୁ ଛାଡ଼ି ଦେଇଥିଲେ । ସ୍ୱର୍ଗତ ଜମାଲୁଦ୍ଦିନ୍ ସାହେବ ପ୍ରାରମ୍ଭରୁ ହିଁ ଧାର୍ମିକ ବ୍ୟକ୍ତି ଥିଲେ । ସେ ନମାଜ, ବାଯମାତ୍ ଓ ଅନ୍ୟାନ୍ୟ ଯମାତି ସେବାରେ ମଗ୍ନ ରହୁଥିଲେ । ରୋକୋପୁର ଖୁଦାମ୍‌ଙ୍କ ସହିତ ମିଶି ତବ୍‌ଲିଗ୍ ଓ ଧର୍ମ ପ୍ରଚାରର କାର୍ଯ୍ୟରେ ଲାଗି ରହୁଥିଲେ ।

ସେରୋଲିଓନ୍‌ର ରକିମ୍ ପ୍ରେସ୍‌ର ଇନ୍‌ଚାର୍ଜ ଉସ୍‌ମାନ୍ ତାଲେ ସାହେବ କୁହନ୍ତି ସ୍ୱର୍ଗତ ଜମାଲୁଦ୍ଦିନ୍ ସାହେବ ମୋ ପୂର୍ବରୁ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରୁଥିଲେ ସେ ଇନ୍‌ଚାର୍ଜ ଥିଲେ ମୋର । ଏହି ବିନୀତ ତାଙ୍କ ସହ ୧୨ ବର୍ଷ ସମୟ ଅତିବାହିତ କରିଛି । ଉକ୍ତ ଅବଧି ମଧ୍ୟରେ ସେ କେବେବି ଏହା ପରିପ୍ରକାଶ କରିନାହାନ୍ତି ଯେ ମୁଁ ତାଙ୍କଠାରୁ ଛୋଟ ଓ ଅନଭିଜ୍ଞ ବ୍ୟକ୍ତି ।

ବରଂ ସେ ସର୍ବଦା ମତେ ସମ୍ମାନ ଜଣାଉଥିଲେ ଏବଂ କହୁଥିଲେ ଆପଣ ହେଉଛନ୍ତି ମୁବଲ୍ଲିଗ୍ ସିଲ୍‌ସିଲା ଏବଂ ଆପଣଙ୍କୁ ହଜ୍‌ରତ୍ ଖଲିଫତୁଲ୍ ମସିହ ନିଯୁକ୍ତ କରିଛନ୍ତି । କେବେବି କୌଣସି ପ୍ରସଙ୍ଗରେ ଏପରି ହୋଇନାହିଁ ଯେ ସେ ଏହି ବିନୀତର ଆଜ୍ଞାପାଳନ କରିନଥିବେ । ତାଙ୍କଠାରେ ଆଜ୍ଞାନୁବର୍ତିତା ଓ ବିନୀତତା ପୂର୍ଣ୍ଣମାତ୍ରାରେ ଭରି ରହିଥିଲା । ଯେତେବେଳେ ବି ତାଙ୍କୁ କୌଣସି କାମ କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲା ସେତେବେଳେ ସେ ତ୍ୱରିତ ଭାବରେ ଉକ୍ତ କାର୍ଯ୍ୟକୁ ଆରମ୍ଭ କରିଦେଉଥିଲେ ଏବଂ ଯଥା ସାଧ୍ୟ ପ୍ରୟାସ କରି ତାହାକୁ ସମ୍ପନ୍ନ କରିବାକୁ ଉଦ୍ୟମ କରୁଥିଲେ । ସେ କୁହନ୍ତି ମୁଁ ଉକ୍ତ ଅବଧି ମଧ୍ୟରେ ତାଙ୍କଠାରୁ ଅନେକ କିଛି ଶିଖିଲି ସେ ନିୟମିତ ଭାବରେ ନମାଜ ତହ୍‌ଯୁଦ୍ ପଢ଼ିବାପାଇଁ ଉଠୁଥିଲେ ଏବଂ ନିୟମିତ ଭାବରେ ବାଯମାତ୍ ନମାଜର ଅଭ୍ୟସ୍ତ ଥିଲେ । ତାଙ୍କର ନମାଜ ମଧ୍ୟ ଏପରି ଥିଲା କି ଯାହାର ସୌନ୍ଦର୍ଯ୍ୟକୁ ଦେଖି ଈର୍ଷାଭାବ ଯାତ ହେଉଥିଲା । ସେ ଅତ୍ୟନ୍ତ ବିନମ୍ର ଓ ନମନୀୟତା ତଥା ଧୈର୍ଯ୍ୟଭାବରେ ନମାଜ ପାଠ କରୁଥିଲେ । ସେ ଖିଲାଫତକୁ ବହୁତ ଭଲ ପାଉଥିଲେ । ପ୍ରତ୍ୟେକ ଖୁତ୍‌ବା ଜୁମା ଅତ୍ୟନ୍ତ ମନପ୍ରାଣ ସହିତ ବସି ଶୁଣୁଥିଲେ ।

ପୁନଶ୍ଚ ସେ ଉଲ୍ଲେଖ କରନ୍ତି ସେରୋଲିଓନ୍‌ର ସଂସ୍କୃତି ଅନୁଯାୟୀ ଯମାଲ୍ ସାହେବ ଅନେକ ପିଲାମାନଙ୍କୁ ନିଜ ଘରେ ରଖିଥିଲେ ଏବଂ ନିଜ ଖର୍ଚ୍ଚରେ ସେହି ପିଲାମାନଙ୍କୁ ଶିକ୍ଷାଦାନ କରାଉଥିଲେ । ତନ୍ମଧ୍ୟରୁ ଅନେକ ଭଲ ଚାକିରିରେ ମଧ୍ୟ ରହିଛନ୍ତି ଏବଂ ଅତ୍ୟନ୍ତ ସମ୍ମାନ ଓ ପ୍ରେମର ସହିତ ତାଙ୍କୁ ସ୍ମରଣ କରୁଛନ୍ତି ।

ନୱେଦ୍ କମର୍ ସାହେବ ମୁରବୀ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯମାତ୍‌ର ଆହ୍ୱାନରେ ସେ ଆଗକୁ ବଢ଼ି ଅଂଶ ଗ୍ରହଣ କରୁଥିଲେ । ନିଜର ଅଭିଭାବକ ଓ ବଂଶର ଅନ୍ୟ ଗୁରୁଜନମାନଙ୍କ ନାମରେ ତହ୍‌ରିକ୍ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ପାଣ୍ଠିରେ ଅଧିକରୁ ଅଧିକ ବଳିଦାନ କରୁଥିଲେ । ସେ ଯେତେବେଳେ ବି ନିଜର ପୈତ୍ରିକ ଭୂମି ରୋକୋପୁର ଆସୁଥିଲେ ସେତେବେଳେ କର୍ମ ବ୍ୟସ୍ତତା ସତ୍ତ୍ୱେ ମସ୍‌ଜିଦ୍‌ରେ ପହଂଚୁଥିଲେ । ସାଧାରଣତଃ ସେ ମଗ୍‌ରିବ୍ ଓ ଇଶାର ମଧ୍ୟବର୍ତୀ ସମୟରେ ଲୋକମାନଙ୍କୁ ଯମାତ୍‌ର ଶିକ୍ଷା ବିଷୟରେ ଅବଗତ କରାଉଥିଲେ ଏବଂ ବିଶେଷ କରି ଖିଲାଫତେ ଅହେମଦୀୟାର ଗୁରୁତ୍ୱ ଓ କଲ୍ୟାଣ ବିଷୟରେ ଅତ୍ୟନ୍ତ ଭଲ ଭାବରେ ଓ ବିସ୍ତୃତଭାବରେ ବୁଝାଉଥିଲେ । ପୁନଶ୍ଚ ସେ ଉଲ୍ଲେଖ କରନ୍ତି ତାଙ୍କର ସମସ୍ତ ଲୋକଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା ତାଙ୍କ ବିୟୋଗବାର୍ତା ଶୁଣି ଉଭୟ ଅହେମଦୀ ଓ ଅଣଅହେମଦୀ ମ୍ରିୟମାଣ ହୋଇପଡ଼ିଛନ୍ତି । ଏହି କାରଣ ଥିଲା ଯେ ତାଙ୍କ ଯନାଜାଃରେ ଲୋକମାନଙ୍କର ଏକ ବିଶାଳ ଜନସମାଗମ ସାମିଲ ହୋଇଥିଲା ଏବଂ ଆଖପାଖ ଅଂଚଳ ବ୍ୟତିତ ଦୂରବର୍ତୀ ଅଂଚଳରେ ଲୋକମାନେ ଦୂର ଯାତ୍ରା କରି ସ୍ୱର୍ଗତଙ୍କ ଯନାଜାଃରେ ସାମିଲ ହୋଇଥିଲେ ।

ସ୍ୱର୍ଗତଙ୍କ ଦୁଇ ପତ୍ନୀ ଥିଲେ ପ୍ରଥମ ପତ୍ନୀ ତାଙ୍କଠାରୁ ଅଲଗା ହୋଇଯାଇଥିଲେ କିନ୍ତୁ ତାଙ୍କଠାରୁ ହିଁ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥିଲା ଅର୍ଥାତ ପ୍ରଥମ ପତ୍ନୀଙ୍କଠାରୁ ଦୁଇଟି ପୁତ୍ରି ଓ ଦୁଇଜଣ ପୁତ୍ର ପ୍ରଭୁ ତାଙ୍କୁ ପ୍ରଦାନ କରିଥିଲେ । ପ୍ରଥମ ପୁତ୍ରର ବିବାହ ହୋଇସାରିଛି ତାଙ୍କର ପୁତ୍ରୀ ଅଷ୍ଟ୍ରେଲିଆରେ ରହୁଛନ୍ତି ଆଉ ଦୁଇଜଣ ଘାନାରେ ଅଧ୍ୟୟନ ରତ ଅଛନ୍ତି । ଜଣେ ସେରୋଲିଓନ୍‌ରେ ଅଧ୍ୟୟନରତ ଅଛନ୍ତ । ଦ୍ୱିତୀୟ ପତ୍ନୀଙ୍କଠାରୁ ତାଙ୍କୁ କୌଣସି ସନ୍ତାନ ପ୍ରାପ୍ତି ହୋଇନାହିଁ । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ । ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସ୍ୱର୍ଗତା ଅମ୍‌ତୁର୍ ସଲାମ୍ ସାହେବଙ୍କର ସେ ଚୌଧୁରୀ ସଲାଉଦ୍ଦିନ୍ ସାହେବଙ୍କର ପତ୍ନୀ ଥିଲେ । ସ୍ୱର୍ଗତାଙ୍କ ସ୍ୱାମୀ ପୂର୍ବତନ ନାଜିମ୍ ଜାଏଦାଦ୍ ଓ ମୁଶିରେ କାନୁନୀ ଅର୍ଥାତ ପରାମର୍ଶଦାତା ଥିଲେ । ସ୍ୱର୍ଗତା ଅମ୍‌ତୁର୍ ସଲାମ୍ ସାହେବଙ୍କ ଗତ ଅକ୍ଟୋବର ୧୯ ତାରିଖ ଦିନ ବିୟୋଗ ହୋଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ତାଙ୍କର ସ୍ୱାମୀ ସ୍ୱର୍ଗତ ସଲାଉଦ୍ଦିନ୍ ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ସାହାବି ହଜ୍‌ରତ୍ ଚୌଧୁରୀ ଅବ୍‌ଦୁଲ୍ ଖାନ୍ ସାହେବ ଓ ହଜ୍‌ରତ୍ ହିମ୍‌ନା ବିବି ସାହେବଙ୍କର ପୌତ୍ର ଥିଲେ । ତାଙ୍କର ଉଭୟ ଦଦା ଓ ଦାଦି ସାହାବି ଥିଲେ । ତାଙ୍କର ସୁପୁତ୍ର ନଇମୁଦ୍ଦିନ୍ ସାହେବ ଉଲ୍ଲେଖ କରନ୍ତି ମୋ ମାତାଙ୍କ ସମ୍ପର୍କରେ ଯେଉଁ କଥାଗୁଡ଼ିକ ମୋ ଜୀବନରେ ଗଭୀର ଭାବରେ ଛାପ ଛାଡ଼ି ଯାଇଛି ତନ୍ମଧ୍ୟରୁ ଗୋଟିଏ ହେଲା ଆମମାନଙ୍କର ନମାଜର ଯତ୍ନ ନେବା । ଏହା ତାଙ୍କର ସବୁଠୁ ଶକ୍ତିଶାଳୀ ଓ ଅଭ୍ୟାସମୂଳକ କର୍ମ ଥିଲା । ସେ ଆମମାନଙ୍କୁ ଅତ୍ୟନ୍ତ କଠୋର ଭାବରେ ନମାଜ ପଢ଼ିବାପାଇଁ କହୁଥିଲେ । ଆମମାନଙ୍କର ବାସଗୃହ ଏକ ହଷ୍ଟେଲ ପରି ସାଜିଥିଲା । ଆମ ଘରେ ଆମମାନଙ୍କର ପ୍ରିୟଜନମାନେ ଶିକ୍ଷା ଅର୍ଜନ କରିବା ଉଦ୍ଦେଶ୍ୟରେ ଆସି ରହୁଥିଲେ ଏବଂ ସେମାନେ ଆମ ବାସଗୃହର ଦୀର୍ଘଦିନ ଧରି ଅର୍ଥାତ ବର୍ଷ ବର୍ଷ ଧରି ରହୁଥିଲେ । ସ୍ୱର୍ଗତା ଏହି କଥାପ୍ରତି ପ୍ରତ୍ୟେକ ବ୍ୟକ୍ତି ବିଶେଷ ଧ୍ୟାନ ଦେଉଥିଲେ । କାରଣ ତାଙ୍କର ପ୍ରୀୟଜନ ସମ୍ପର୍କୀୟମାନେ ଯେପରି ନିୟମିତ ରୂପେ ନମାଜ ପାଠ କରନ୍ତୁ । ସେ ସ୍ୱୟମ ସମସ୍ତ ପିଲାମାନଙ୍କୁ କୋରାନ୍ ପଢ଼ାଉଥିଲେ । ବଡ଼ ବଡ଼ ପିଲାମାନଙ୍କ ପାଇଁ ଏକ ଶିକ୍ଷକ ମଧ୍ୟ ମୁତୟନ କରିଥିଲେ । ତାଙ୍କର ଦ୍ୱିତୀୟ ସୁଗୁଣ ଯାହା ମୋ ଉପରେ ଗଭୀର ପ୍ରଭାବ ପକାଇଛି ତାହା ହେଉଛି ସେ ଆମ ଘରେ ବ୍ୟକ୍ତିମାନଙ୍କର ଶୁଖ ସ୍ୱାଚ୍ଛନ୍ଦ ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଯଦି କୌଣସି ଚାକରାଣୀ ଛୁଟିରେ ରହୁଥିଲା ତେବେ ସେ ନିଜ ପିଲାଙ୍କ ସମେତ ଅନ୍ୟ ସମସ୍ତ ପିଲାମାନଙ୍କର ଲୁଗାପଟା ସ୍ୱୟମ ଧୋଇ ସଫା କରୁଥିଲେ । ଆମର ଆଇଘର ଓ ଜେଜେମାର ଲୋକମାନଙ୍କୁ ଅନେକ ସମୟରେ ରବୁୱା ଯିବା ଆସିବା ଲାଗି ରହୁଥିଲା । ସ୍ୱର୍ଗତ ପିତାଶ୍ରୀଙ୍କ ଉପରେ ଅନେକ ସମୟରେ ଯମାତ୍‌ର ଦାୟିତ୍ୱ ନ୍ୟସ୍ତ ରହୁଥିବା ଯୋଗୁଁ ସେ ରବୁୱାରେ ଉପସ୍ଥିତ ରହୁନଥିଲେ । ତଥାପି ମାତାଶ୍ରୀ ସମସ୍ତ ଅତିଥିଙ୍କ ସତ୍କାର କରୁଥିଲେ ଏବଂ ଏହି ସୁଯୋଗକୁ କେବେ ହେଲେ ହାତ ଛଡ଼ା କରୁନଥିଲେ । ମୁଁ ବଡ଼ ପୁଅ ହୋଇଥିବା ଯୋଗୁଁ ସେ ମୋର ନିରୀକ୍ଷଣ କରୁଥିଲେ ଏବଂ ଏହି ଉପଦେଶ ଦେଉଥିଲେ ଯେ ସର୍ବଦା ଅତିଥିମାନଙ୍କର ଭଲଭାବରେ ସତ୍କାର କରିବ ତହିଁରେ କୌଣସି ଅବହେଳା ପ୍ରଦର୍ଶନ କରିବ ନାହିଁ । ପୁନଶ୍ଚ ସେ କହୁଥିଲେ ଯେ ଆମ ଅଣ ଜେଜିମା, ଜେଜିମା ଓ ଆଈ ଦୀର୍ଘ ସମୟ ଧରି ଆମ ଘରେ ଅଧିବାସୀ ଗ୍ରହଣ କରିଥିଲେ ଓ ଅଲ୍ଲାଃ ତାଲାଙ୍କ କୃପାରୁ ଆମେମାନେ ଛଅ ଭାଇଭଉଣୀ ଥିଲୁ ତଥାପି ବିପୁଳ ସଂଖ୍ୟାରେ ଆମ ବଂଶରେ ପିଲାମାନେ ଆମ ବାସଗୃହରେ ଶିକ୍ଷାର୍ଜନ ଉଦ୍ଦେଶ୍ୟରେ ଅଧିବାସୀ ଗ୍ରହଣ କରୁଥିଲେ । କିନ୍ତୁ ଏହି ସମସ୍ତ ପରିସ୍ଥିତି ସତ୍ତ୍ୱେ ସେ ସେହି ତିନିଜଣ ବୟସ୍କଙ୍କର ଦୀର୍ଘ ବର୍ଷ ଧରି ଅତ୍ୟନ୍ତ ଉତମରୂପେ ସେବା ସମ୍ପାଦନ କରିଛନ୍ତି । ଜଲ୍‌ସା ସାଲାନା ଅବସରରେ ମଧ୍ୟ ପାଖାପାଖି ଅଶିରୁ ନବେଜଣ ଅତିଥି ଆମ ଘରେ ରହୁଥିଲେ । ସେ ତାଙ୍କ ସହିତ ଓ ତାଙ୍କର ରହିବା ଖାଇବା ପାଇଁ ସମସ୍ତ ପ୍ରବନ୍ଧ ସଙ୍ଗେସଙ୍ଗେ ଟେଂଟ ଲଗାଇ କରିଦେଉଥିଲେ । ଶୟନ ସଜ୍ୟା ପାଇଁ ଗ୍ରାମରୁ ବ୍ୟବସ୍ଥା ହେଉଥିଲା ସମସ୍ତ ବ୍ୟବସ୍ଥା ପିତା ଓ ମାତା ଉଭୟ ମିଳିମିଶି ଅତ୍ୟନ୍ତ ପ୍ରେମ ଓ ପ୍ରସନ୍ନତାର ସହ ସମ୍ପାଦନ କରୁଥିଲେ ଏବଂ ପ୍ରତ୍ୟେକ ବିନା କୌଣସି ଦ୍ୱିଧାରେ ତାଙ୍କ ପ୍ରତି ଥିବା ଆନ୍ତରିକତା ମୂଳକ ପ୍ରେମ ଓ ଅତିଥି ପ୍ରିୟତାର ପରିପ୍ରକାଶ କରୁଥିଲା ।

ତାଙ୍କର ଜଣେ ଭଣଜା ଉଲ୍ଲେଖ କରନ୍ତି କି ମୁଁ ତାଙ୍କ ଘରେ ଶିକ୍ଷା ଅର୍ଜନ କରୁଥିଲି ଏବଂ ଏପରି କେବେ ହୋଇନାହିଁ କି ସେ ଆମକୁ ସକାଳବେଳର ରୋଟି ସଂନ୍ଧ୍ୟାରେ ଦେଇଥିବେ ଏବଂ ସଂନ୍ଧ୍ୟାବେଳର ରୋଟି ସକାଳେ ଦେଇଥିବେ । ବରଂ ସେ ଆମକୁ ସର୍ବଦା ସଦ୍ୟ ନିର୍ମିତ ପରଠା ଓ ଦହି ଦେଉଥିଲେ ଏବଂ ଆମର ଏଭଳି ଯତ୍ନ ନେଉଥିଲେ କି ଯେପରି ସେ ନିଜ ସନ୍ତାନମାନଙ୍କର ଯତ୍ନ ନେଉଛନ୍ତି । ଅର୍ଥାତ ତାଙ୍କର ପ୍ରୀୟଜନ ସମ୍ପର୍କୀୟଙ୍କ ବନ୍ଧୁଙ୍କର ସନ୍ତାନାମାନଙ୍କର ନିଜ ସନ୍ତାନମାନଙ୍କ ପରି ଯତ୍ନ ନେଉଥିଲେ ଏହା ସତ୍ତ୍ୱେ ବି ତାଙ୍କର ଅନେକ ସନ୍ତାନମାନେ ରହିଛନ୍ତି । ଖଲିଫାଙ୍କ ସହିତ ତାଙ୍କର ଗଭୀର ସମ୍ପର୍କ ରହିଥିଲା । ଖଲିଫାଙ୍କ ପ୍ରତି ଆଜ୍ଞାନୁବର୍ତିତାର ସମ୍ପର୍କ ଏକ ଉଦାହରଣ ଥିଲା । ପୁନଶ୍ଚ ସେ କୁହନ୍ତି ସେହି ବଡ଼ ବଡ଼ ଲବ୍ଧ ପ୍ରତିଷ୍ଠିତ ସତାଙ୍କ ମଧ୍ୟରୁ ଆମମାନଙ୍କର ଶିରାପ୍ରସିରାରେ ମଧ୍ୟ ଏହିପରି ସ୍ପୃହା ଓ ଆବେଗ ସଂଚାର କରିଥିଲେ ।

ତାଙ୍କର ବୋହୂ ନବିଲାନଇମ୍ ସାହିବା କୁହନ୍ତି ସ୍ୱର୍ଗତା ଅନେକ ସୁଗୁଣାବଳୀର ଅଧିକାରି ଥିଲେ । ନିୟମିତ ଭାବରେ ନାମଜ ଓ କୋରାନ୍ ପଢ଼ିବାରେ ସେ ଅଭ୍ୟସ୍ତ ଥିଲେ । ନମାଜ ତହ୍‌ଯୁଦ୍ ମଧ୍ୟ ନିୟମିତ ଭାବରେ ପଢୁଥିଲେ । ଅତ୍ୟନ୍ତ ଧୈର୍ଯ୍ୟ ପ୍ରଦର୍ଶନକାରୀ ମହିଳା ଥିଲେ । କୃତଜ୍ଞତା ଜ୍ଞାପନ କରିବା ମହିଳା ଥିଲେ । ବେଳେବେଳେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଯାଉଥିଲେ ମଧ୍ୟ ସେ କୌଣସି ପ୍ରକାର ଅତିଷ୍ଠି ଭାବ ପ୍ରକାଶ କରୁନଥିଲେ । ଅଲ୍ଲାଃ ତାଲାଙ୍କ ଧାର୍ଯ୍ୟ ବିଧାନରେ ପ୍ରସନ୍ନିତ ଓ ରାଜି ରହୁଥିଲେ । ଗରୀବମାନଙ୍କୁ ଭଲ ପାଉଥିଲେ କାହାରିକୁ କୌଣସି କଷ୍ଟ ଦେଉନଥିଲେ କି କାହାର ଦୁଃଖକଷ୍ଟ ସହିପାରୁନଥିଲେ । ସର୍ବଦା ସେମାନଙ୍କର ସାହାଯ୍ୟ ପାଇଁ ପ୍ରସ୍ତୁତ ରହୁଥିଲେ । ସ୍ୱର୍ଗତା ଖଲିଫତୁଲ୍ ମସିହ୍‌ଙ୍କୁ ସମ୍ମାନ ପ୍ରଦାନ କରିବା ତାଙ୍କ ସହ ନିବିଡ଼ତାର ସମ୍ପର୍କ ରଖିବା ତାଙ୍କର ଆଜ୍ଞାପାଳନ କରିବା ଓ ବିଶ୍ୱସ୍ତତାରେ ଅଭ୍ୟସ୍ତ ରହୁଥିଲେ । ଅଲ୍ଲାଃ ତାଲା ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କର ବଂଶଧରଙ୍କୁ ମଧ୍ୟ ତାଙ୍କ ପରି ଗୁଣାବଳୀର ଅଧିକାରି କରନ୍ତୁ । ସ୍ୱର୍ଗତା ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ମନ୍‌ଶୁର୍ ବୁସ୍‌ରା ସାହେବା ମାତା ଡ଼ାକ୍ତର ଲତିଫ କୁରେଶ୍ ସାହେବ ଯାହାଙ୍କର ନଭେମ୍ବର ୬ ତାରିଖ ଦିନ ୯୭ ବର୍ଷ ବୟସରେ ବିୟୋଗ ହୋଇଛି, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ସେ କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ନଥିଲେ ବରଂ ସାହାବିଙ୍କର ସନ୍ତାନ ଥିଲେ । ହଜ୍‌ରତ୍ ମୁନ୍‌ସି ଫୟାଜ ଅଲୀ କପୁର ଥଲ୍‌ବି ସାହେବଙ୍କର ନାତୁଣୀ ଥିଲେ । ହଜ୍‌ରତ୍ ଶେଖ୍ ଅବ୍‌ଦୁଲ୍ ରଶିଦ୍ ସାହେବଙ୍କର ପୌତ୍ରୀ ଥିଲେ । ବାଲ୍ୟାବସ୍ଥାରେ ହଜ୍‌ରତ୍ ଅମାଜାନ୍ ର:ଅଙ୍କ ସହିତ ତାଙ୍କର ନିକଟ ସମ୍ପର୍କ ରହିଥିଲା । ସ୍ୱର୍ଗତାଙ୍କ ସ୍ମରଣ ଶକ୍ତି ଦୁର୍ବଳ ହେବା ସତ୍ତ୍ୱେ ଶେଷ ସମୟ ପର୍ଯ୍ୟନ୍ତ ନମାଜ ପଢ଼ିବାକୁ ସେ ଭୁଲିଯାଉନଥିଲେ । ଖୁତ୍‌ବା ଜୁମା ଓ ଏମ୍‌ଟିଏର ନିୟମିତ ରୂପେ କାର୍ଯ୍ୟକ୍ରମ ଦେଖୁଥିଲେ । ସେ ଜଣେ ବିଶ୍ୱସ୍ତତା ବୃଦ୍ଧା ବୟସ୍କା ମହିଳା ଥିଲେ ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତା ମୁସି ଥିଲେ । ମୁଁ ଯେପରି କହିଲି କି ସ୍ୱର୍ଗତା ଡ଼ାକ୍ତର ଲତିଫ୍ କୁରେଶ୍ ସାହେବଙ୍କର ମାତା ଥିଲେ କିଛି ଦିନ ତଳେ ଯେତେବେଳେ କୁରୈଶି ସାହେବଙ୍କ ଓ ତାଙ୍କ ପତ୍ନୀ ସୌକତ୍ ଗୌହର ସାହିବାଙ୍କ ବିୟୋଗ ହୋଇଥିଲା । ଏ ଦୁହେଁ ଜୀବିତ ଥିବା ପର୍ଯ୍ୟନ୍ତ ମାତାଙ୍କ ସେବା ସମ୍ପାଦନ କରୁଥିଲେ । ସେ ଯାହା ହେଉ ନା କାହିଁକି ସ୍ୱର୍ଗତାଙ୍କ ଜୀବନରେ ହିଁ ତାଙ୍କ ପୁଅ ବୋହୂଙ୍କର ବିୟୋଗ ହୋଇଥିଲା ।

ତାଙ୍କ ପୌତ୍ରୀ ଇସ୍‌ମତ୍ ମିର୍ଜା ଉଲ୍ଲେଖ କରନ୍ତି ଯେ ମୋର ଦାଦି ଜଣେ ବାସ୍ତବିକ ମୋମିନା ଅର୍ଥାତ ବିଶ୍ୱାସୀ ମହିଳା ଥିଲେ । ଅହେମଦୀୟତ ଓ ଖିଲାଫତ୍‌କୁ ପାଗଳପରି ଭଲ ପାଉଥିଲେ । ତାଙ୍କଠାରୁ ଅଧିକ ଉପାସନାକାରୀ ମହିଳା ଓ କୋରାନ୍ ପ୍ରତି ଆସ୍ଥା ପ୍ରକଟ କରୁଥିବା ଓ ଭଲ ପାଉଥିବା ମହିଳା ମୁଁ କାହାରିକୁ ଦେଖିନାହିଁ । ସେ ଶାନ୍ତ ଓ ସରଳ ଓ ନିଷ୍କପଟ ସ୍ୱଭାବର ଅଧିକାରି ଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ନମାଜ ଜୁମାପରେ ମୁଁ ଏ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ପାଠ କରାଇବି । ଇନ୍‌ଶାଅଲ୍ଲାଃ ତାଲା

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

କଣ ମୁଁ ତୁମକୁ ଏପରି କଥା ବତାଇବି ନାହିଁ ଯାହା ତୁମ ପାଇଁ ଖାଦିମ୍ (ସେବକ)ଠାରୁ ଉତମ ? ତୁମେ ଶୋଇବାକୁ ଯିବା ସମୟରେ ତେତିଶି ଥର ସୁବ୍‌ହାନଲ୍ଲାଃ କୁହ, ତେତିଶି ଥର ଅଲ୍‌ହମ୍‌ଦୁଲିଲ୍ଲାଃ କୁହ ଏବଂ ଚଉତିରିଶି ଥର ଅଲ୍ଲାହୁ ଅକ୍‌ବର୍ କୁହ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ଖଲିଫା ରାଶିଦ୍ ଏବଂ ଜ୍ୱାଇଁ ଅବୁ ତୁରାବ୍
ହଜ୍‌ରତ୍ ଅଲୀ ଅଲ୍‌ମୁର୍‌ତଜା ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।

ହଜ୍‌ରତ୍ ଅଲୀ ର:ଅ ଏବଂ ହଜ୍‌ରତ୍ ଫାତିମା ର:ଅ ଅଭାବ ଅସୁବିଧା ଏବଂ ଗରିବୀ ଅବସ୍ଥାରେ ରହିବା ସତ୍ୱେ ମଧ୍ୟ ସନ୍ତୋଷତା ଓ ତୃପ୍ତି ପରିପ୍ରକାଶ କରୁଥିଲେ ।

ହଜ୍‌ରତ୍ ଅଲୀ ର:ଅ କହୁଛନ୍ତି ଯେ ଯୁଦ୍ଧ କରିବା ସମୟରେ ମତେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖିଆଲ ଆସୁଥିଲା ତେଣୁ ମୁଁ ତାଙ୍କ ବିଶ୍ରାମ ସ୍ଥଳୀକୁ ଚାଲିଯାଉଥିଲି କିନ୍ତୁ ଯେବେ ମଧ୍ୟ ମୁଁ ଯାଇଛି ତାଙ୍କୁ ସଜ୍‌ଦାଃରେ ଆକୁଳ ନିବେଦନ କରିବାର ପାଇଛି । ମୁଁ ମହାଭାଗ ସ:ଆ:ସଙ୍କ ମୁହଁରୁ ଏହି ବାକ୍ୟ ନିସୃତ ହେବାର ଶୁଣିବାକୁ ପାଇଛି **ୟା ହୟୁ ୟା କୟୁମୁ ୟା ହୟୁ ୟା କୟୁମୁ** ଅର୍ଥାତ ହେ ମୋର ଜୀବନ୍ତ ପ୍ରଭୁ ହେ ମୋର ଜୀବନ ପ୍ରଦାନକାରୀ ଆକା (ମୁନୀବ) ।

ଚାରିଜଣ ମର୍‌ହୁମୀନ୍ (ମୃତକ) ମୋକରମ୍ କମାଣ୍ଡର ଚୌଧୁରୀ ମୁହମ୍ମଦ ଅସ୍‌ଲମ୍ ସାହେବ ଅଫ୍ କାନାଡ଼ା, ମୋହ୍‌ତରମା ଶାହିନା କମର୍ ସାହିବା ପତ୍ନୀ କମର୍ ଅହ୍‌ମଦ୍ ଶଫିକ୍ ସାହେବ୍ ଡ୍ରାଇଭର ନିଜାରତ୍ ଉଲିୟା ଏବଂ ତାଙ୍କ ପୁତ୍ର ଅଜିଜମ୍ ସମର୍ ଅହ୍‌ମଦ୍ ଏବଂ ମୋକରମା ସଇଦା ଅଫଜଲ୍ ଖୋକର୍ ସାହିବା ପତ୍ନୀ ମୁହମ୍ମଦ ଅଫଜଲ୍ ଖୋଖର୍ ସାହେବ୍ ଶହୀଦଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

ପାକିସ୍ତାନ୍‌ରେ ଅହେମଦୀମାନଙ୍କ ଉପରେ ଭିଷଣ ନିର୍ଯ୍ୟାତନା ହେଉଥିବା ଯୋଗୁଁ ବିଶେଷ ଦୁଆ ପାଇଁ ଆଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୦୪ ଅକ୍ଟୋବର ୨୦୨୦ ଅନୁଯାୟୀ ୦୪ ଫତହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବଙ୍କ ଚର୍ଚ୍ଚା କରିଥିଲି, ସେହି କ୍ରମରେ ଆଜି ହଜ୍‌ରତ୍ ଅଲୀ ର:ଅଙ୍କ ମୈତ୍ରିକ ସମ୍ପର୍କ ସ୍ଥାପନ ସଂକ୍ରାନ୍ତିୟ ବର୍ଣ୍ଣନା କରିବି । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଦୁଇଥର ନିଜର ଭାଇ ବୋଲି ସମ୍ବୋଧିତ କରିଥିଲେ । ଏକଦା ହଜୁର ସ:ଆ:ସ ହିଜ୍‌ରତ୍‌କାରୀଙ୍କ ମଧ୍ୟରେ ମକ୍କାରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ଦ୍ୱିତୀୟ ଥର ହଜୁର ସ:ଆ:ସ ହିଜ୍‌ରତକାରୀ ଓ ଅନ୍‌ସାରଙ୍କ ମଧ୍ୟରେ ହିଜ୍‌ରତ୍ ପରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ଏପରି ଦୁଇଥରହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ନିଜର ଭାଇ ବୋଲି ବିବେଚିତ କରିଥିଲେ ଏବଂ କହିଲେ ଅନ୍‌ତା ଅଖି ଫିଦ୍ ଦୁନ୍‌ୟା ୱଲ୍ ଆଖିରତି ଅର୍ଥାତ ତୁମେ ଇହକାଳ ଓ ପରକାଳରେ ମୋର ଭାଇ ଅଟ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୮୮.......... ବେରୁତ ୨୦୧୬)***

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ସୋହେଲ୍ ବିନ୍ ହନିଫଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୬............ ଲେବ୍‌ନାନ୍ ୧୯୯୬)***

ଏହା କେବେ ହୋଇଥିଲା ସେଥି ସଂକ୍ରାନ୍ତରେ ଇତିହାସ ପୃଷ୍ଠାରୁ ଜଣାଯାଉଛି ଯେ ଉକ୍ତ ମୈତ୍ରିକ ସମ୍ପର୍କ ଦୁଇଥର ହୋଇଥିଲା । ଅତଏବ ସହୀ ବୁଖାରୀର ଜଣେ ବ୍ୟାଖ୍ୟାକାରୀ ଅଲାମା କୁସ୍‌ତୁଲାନି ବର୍ଣ୍ଣନା କରନ୍ତି: ପ୍ରଥମ ଥର ହିଜ୍‌ରତ୍ ପୂର୍ବରୁ ମକ୍କାରେ ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର, ହଜ୍‌ରତ ଉମରଙ୍କ ମଧ୍ୟରେ ଓ ହଜ୍‌ରତ୍ ଉସ୍‌ମାନ୍ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କ ମଧ୍ୟରେ ହଜ୍‌ରତ୍ ଜୁବୈର୍ ଓ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍‌ଙ୍କ ମଧ୍ୟରେ ହଜ୍‌ରତ୍ ଅଲୀ ଓ ନିଜ ଅର୍ଥାତ ହଜୁର ସ:ଆ:ସ ସ୍ୱୟମ ନିଜ ସହିତ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ପୁନଶ୍ଚ ହିଜ୍‌ରତ୍ ପରେ ମଦିନାରେ ହଜୁର ସ:ଆ:ସ ହିଜ୍‌ରତକାରୀ ଓ ଅନ୍‌ସାରଙ୍କ ମଧ୍ୟରେ ହଜ୍‌ରତ୍ ଅନସ୍ ବିନ୍ ମାଲିଙ୍କ ଘରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ଇବ୍‌ନେ ସାଆଦ୍ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ୧୦୦ ଜଣ ସାହାବି ଅର୍ଥାତ ୫୦ଜଣ ହିଜ୍‌ରତ୍‌କାରୀଙ୍କୁ ୫୦ ଜଣ ଅନ୍‌ସାରଙ୍କ ସହିତ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ***(ଇର୍‌ଶାଦସ୍ ସାରି ଶରହ୍ ସହି ବୁଖାରୀ, ଖଣ୍ଡ-୮, ପୃ-୪୧୦-୪୧୧, ହଦିସ୍ ନଂ-୩୯୩୭....... ବେରୁତ ୧୯୯୬)***

ହଜ୍‌ରତ୍ ଅଲୀ ର:ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ । ହଜ୍‌ରତ୍ ଅଲୀ ର:ଅ କେବଳ ତବୁକ୍ ଯୁଦ୍ଧରେ ସାମିଲ ହୋଇନଥିଲେ । ତବୁକ୍ ଯୁଦ୍ଧରେ ହଜୁର ସ:ଆ:ସ ହଜରତ୍ ଅଲୀ ର:ଅଙ୍କୁ ନିଜ ପରିବାରବର୍ଗଙ୍କ ତତ୍ତ୍ୱାବଧାନ କରିବା ନିମନ୍ତେ ନିଯୁକ୍ତ କରିଥିଲେ ଅର୍ଥାତ ତାଙ୍କୁ ମଦିନାରେ ଛାଡ଼ି ତବୁକ୍ ଯୁଦ୍ଧ ଅଭିମୁଖେ ବାହାରି ଯାଇଥିଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୨.......... ବେରୁତ ୨୦୦୩)***

ହଜ୍‌ରତ୍ ସାଲ୍‌ବା ବିନ୍ ଅବୁ ମାଲିକ୍ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ସାଆଦ୍ ବିନ୍ ଉବାଦା ପ୍ରତ୍ୟେକ ଅବସରରେ ହଜୁର ସ:ଆ:ସଙ୍କ ପକ୍ଷରୁ ଧ୍ୱଜାଧାରୀ ଥିଲେ ଅର୍ଥାତ ଇସ୍‌ଲାମ୍‌ର ଧ୍ୱଜାକୁ ସେ ବହନ କରୁଥିଲେ । ତାଙ୍କ ହସ୍ତରେ ଦେଇଥିଲେ । କିନ୍ତୁ ଯେତେବେଳେ ଯୁଦ୍ଧ ସମୟ ଆସୁଥିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ, ବିନ୍ ଅବୁ ତାଲିବ୍ ଧ୍ୱଜାକୁ ଧରି ନେଉଥିଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୩.......... ବେରୁତ ୨୦୦୩)***

ଉଶୈରାଃ ଯୁଦ୍ଧ ଯମାଦି ଅୱ୍ୱଲ୍ ୨ ହିଜ୍‌ରୀରେ ଘଟିଥିଲା । ଇତିହାସ ଓ ଜୀବନୀର ପୁସ୍ତକରେ ସେହି ଯୁଦ୍ଧର ନାମ ଉଶୈରାଃ ଯୁଦ୍ଧ ବ୍ୟତିତ ଜୁଲ୍ ଉଶୈରାଃ, ଜାଆତୁଲ୍ ଏବଂ ଉଶୈରାଃ ଯୁଦ୍ଧ ମଧ୍ୟ ବର୍ଣ୍ଣିତ ରହିଛି । ଉଶୈରାଃ ଏକ ଦୁର୍ଗର ନାମ ତାହା ହଜାଜ୍‌ର ୟନ୍‌ବି ଓ ଜୁଲ୍‌ମରୁୱ୍ୱାଃ ମଧ୍ୟରେ ଅବସ୍ଥିତ । ଏହି ପ୍ରସଙ୍ଗରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି । ଯମାଦି ଅୱ୍ୱଲ୍ ମାସ ୨ ହିଜ୍‌ରୀରେ ହଜୁର ସ:ଆ:ସ କୁରୈଶ୍‌ଙ୍କ ସକ୍ରାନ୍ତରେ କିଛି ସୁଚନା ପାଇଁ ହିଜ୍‌ରତ୍‌କାରୀଙ୍କ ଏକ ଦଳ ସାଥିରେ ନେଇ ମଦିନାରୁ ବାହାରି ପଡ଼ିଲେ ଏବଂ ନିଜ ପଛରେ ନିଜ ରଜାଇ ଭାଇ ଅର୍ଥାତ ଏକ ମାତାଙ୍କ କ୍ଷୀର ପାନ କରିଥିବା ଭ୍ରାତା ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ଲ ଅସଦ୍‌ଙ୍କୁ ଅମୀର ମୁତୟନ କରିଥିଲେ । ଏହି ଯାତ୍ରାରେ ହଜୁର ସ:ଆ:ସ ଘୁରି ଘୁରି ପରିଶେଷରେ ସମୁଦ୍ର ତଟରେ ପହଂଚିଥିଲେ ଯେଉଁ ସ୍ଥାନର ନାମ ଉଶୈରାଃ ଥିଲା ଯଦିଚ ସେଠାରେ କୁରୈଶ୍ ସହ ତାଙ୍କର ମୁହାଁମୁହିଁ ହୋଇନଥିଲା ଏବଂ ହଜୁର ସ:ଆ:ସ ସେଠାକାର ବାସିନ୍ଦା ବନୁ ମୁଦ୍‌ଲଜ୍ ସହିତ ଏକ ସନ୍ଧି ସ୍ଥାପନ କରିଥିଲେ ଓ ସେଠାରୁ ପ୍ରତ୍ୟାବର୍ତ୍ତନ କରିଯାଇ ମଦିନା ଫେରି ଆସଥିଲି । ***(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୩୨୯) (ଲୁଗାତୁଲ୍ ହଦିସ୍ ଖଣ୍ଡ-୩, ପୃ-୧୧୦-୧୧୧....) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୧୭୫..... ବେରୁତ ୨୦୦୨) ( ଦଲାଇଲୁନ୍***

*ନବୁୱ୍ୱା..... ଖଣ୍ଡ-୫, ପୃ-୪୬୦...... ବେରୁତ ୧୯୮୮)*

ହଜ୍‌ରତ୍ ଅଲୀ ର:ଅ ଏହି ଅଭିଯାନରେ ସାମିଲ ଥିଲେ ଏହି ପରିପ୍ରେକ୍ଷୀରେ ମୁସ୍‌ନଦ୍ ଅହ୍‌ମଦ ବିନ୍ ହମ୍ବଲରେ ବର୍ଣ୍ଣନା ଦରଜ ରହିଛି କି ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ବର୍ଣ୍ଣନା କରନ୍ତି ଏହି ଅଭିଯାନରେ ହଜ୍‌ରତ୍ ଅଲୀ ର:ଅ ଓ ମୁଁ ଦୁହେଁ ସାଥିରେ ଥିଲୁ ଯେତେବେଳେ ହଜୁର ସ:ଆ:ସ ସେଠାରେ ପହଂଚିଥିଲେ ଏବଂ ଅବସ୍ଥାନ କଲେ ସେତେବେଳେ ଆମେ ଦେଖିଲୁ ବନୁ ମୁଦ୍‌ଲଜ୍‌ର ଲୋକମାନେ ନିଜ ଖଜୁରୀ ବଗିଚାରେ କାମ କରୁଥିଲେ । ହଜ୍‌ରତ୍ ଅଲୀ ର:ଅ ମତେ କହିଲେ ହେ ଅବୁ ୟକ୍‌ଜାନ୍ ତୁମର କଣ ମତ ? କଣ ଆମେ ତାଙ୍କ ନିକଟକୁ ଯିବା ଓ ଦେଖିବା ସେମାନେ କଣ କରୁଛନ୍ତି ? ଅତଃ ଆମେ ସେମାନଙ୍କ ନିକଟକୁ ଗଲୁ ଏବଂ ସେମାନଙ୍କୁ କାମ କରୁଥିବାର ଦେଖିଲୁ ସେଠାରେ ଆମକୁ ନିଦ ଲାଗିବାରୁ ଆମେ ସେଠାରୁ ଚାଲି ଆସିଲୁ ଏବଂ ଏକ ଖଜୁରୀଗଛ ମୂଳେ ମାଟି ଉପରେ ଶୋଇ ପଡ଼ିଲୁ ପ୍ରଭୁଙ୍କ ରାଣ ! ଆମକୁ ହଜୁର ସ:ଆ:ସଙ୍କ ବ୍ୟତିତ କେହି ନିଦରୁ ଉଠାଇନଥିଲେ । ହଜୁର ସ:ଆ:ସ ନିଜ ପବିତ୍ର ପାଦରେ ସ୍ପର୍ଶ ଦ୍ୱାରା ଆମକୁ ଜଗାଇଲେ । ସେତେବେଳେ ଆମ ଶରୀରରେ ମାଟି ଲାଗିରହିଥିଲା । ସେଦିନ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ଶରୀରରେ ମାଟି ଲାଗିଥିବାର ଦେଖି କହିଲେ, ହେ ଅବୁ ତୁରାବ୍ ! ହଜ୍‌ରତ୍ ଅଲୀ ର:ଅଙ୍କର ଏପରି ନାମ କରଣ ହେବା ଗତ ଖୁତ୍‌ବାରେ ମୁଁ ଚର୍ଚ୍ଚା କରିଥିଲି । ଯେତେବେଳେ କି ସେ ମସ୍‌ଜିଦ୍‌ରେ ଶୋଇଥିଲେ ଏବଂ ତାଙ୍କ ଶରୀରରେ ମାଟି ଲାଗିଯାଇଥିଲା । ଯେଉଁଥିପାଇଁ ହଜୁର ସ:ଆ:ସ ତାଙ୍କୁ ଅବୁ ତୁରାବ୍ ଭାବରେ ସମ୍ବୋଧନ କରିଥିଲେ । ସମ୍ଭବତଃ ତାଙ୍କର ଏପରି ନାମକରଣ ଉକ୍ତ ଘଟଣାରୁ ପଡ଼ିଲା ଅବା ଉଭୟ ସ୍ଥାନରେ ହଜୁର ତାଙ୍କୁ ଏପରି ସମ୍ବୋଧନ କରିଥିଲେ ଅର୍ଥାତ ଅବୁ ତୁରାବ୍ କହି । ହଜୁର ସ:ଆ:ସ କହିଲେ ମୁଁ ତୁମକୁ ଦୁଇଟି ହତଭାଗ୍ୟ ବ୍ୟକ୍ତିଙ୍କ ବିଷୟରେ କହିବି ନାହିଁ କି ! ଆମେ କହିଲୁ ହେ ଅଲ୍ଲାଃଙ୍କ ରସୁଲ୍ ! ଅବଶ୍ୟ କୁହନ୍ତୁ, ହଜୁର ସ:ଆ:ସ କହିଲେ ପ୍ରଥମ ବ୍ୟକ୍ତି ହେଉଛି ସମୁଦ୍ ସମ୍ପ୍ରଦାୟର ଓ୍ୱେହମୀର୍ ନାମ୍ନୀ ଦୁର୍ବୃତ ଯିଏ ସ୍ୱାଲେହ୍ ଆ:ସଙ୍କ ଓଟର ଗୋଡ଼ କାଟି ଦେଇଥିଲା ଏବଂ ଦ୍ୱିତୀୟ ବ୍ୟକ୍ତି ଯିଏ କି ତୁମ ମୁଣ୍ଡ ଉପରେ ଅବା ମୁଣ୍ଡରେ ପ୍ରହାର କରିବ ଏପରିକି ତୁମର ଦାଢ଼ି ରକ୍ତ ରଞ୍ଜିତ ହୋଇଯିବ । *(ମସ୍‌ନଦ୍ ଅହ୍‌ମଦ୍...... ଖଣ୍ଡ-୬, ପୃ-୨୬୧...... ହଦିସ୍ ୧୮୫୧୧..... ବେରୁତ ୧୯୯୮)*

*କ୍ରମଶଃ......*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

କିଛି ଅଂଶ ଏଠାରେ ମଧ୍ୟ ଆଲୋଚନା କରିବାକୁ ଚାହେଁ । ହଜ୍‌ରତ୍ ଅବୁ ଦୁଜାନା ର:ଅ ଅନ୍‌ସାରୀ ଥିଲେ ହଜୁର ସ:ଆ:ସଙ୍କ ମଦିନା ହିଜ୍‌ରତ୍ ପୂର୍ବରୁ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲେ । ସେ ହଜୁର ସ:ଆ:ସଙ୍କ ସହିତ ବଦର ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ଅତ୍ୟନ୍ତ ବୀରତ୍ୱର ସହିତ ସାହାସିକତାର ସହିତ ଶତ୍ରୁମାନଙ୍କ ମୁକାବିଲା କରିଥିଲେ । ସେହିପରି ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସେ ସାମିଲ ହୋଇଥିଲେ ଏବଂ ତାଙ୍କୁ ଏହି ସୌଭାଗ୍ୟ ଅର୍ଜନ ହୋଇଥିଲା । ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନେ ପ୍ରଥମେ ବିଜୟଲାଭ କରୁଥିବା ସ୍ଥଳେ ପର ମୂହୁର୍ତରେ ଯୁଦ୍ଧର ପାଶା ପାଲଟି ଯାଇଥିଲା ଓ ଫଳାଫଳ ବଦଳିଯାଇଥିଲା । ଗୋଟିଏ ସ୍ଥାନକୁ ଛାଡ଼ିବା ଫଳରେ ଅବିଶ୍ୱାସକାରୀମାନେ ପୂର୍ନବାର ଆକ୍ରମଣ କରିଦେଇଥିଲେ ଏବଂ ଯୁଦ୍ଧର ପରିଣାମ ସେମାନଙ୍କ ସପକ୍ଷରେ ଚାଲିଯାଇଥିଲା । ସେତେବେଳେ ହଜୁର ସ:ଆ:ସଙ୍କ ସମୀପରେ ଯେଉଁ ସାହାବାମାନେ ଥିଲେ ତନ୍ମଧ୍ୟରେ ହଜ୍‌ରତ୍ ଅବୁ ଦୁଜାନା ମଧ୍ୟ ସାମିଲ ଥିଲେ ଏବଂ ହଜୁର ସ:ଆ:ସଙ୍କ ସୁରକ୍ଷାରେ ସେ ଗମ୍ଭୀରରୂପେ କ୍ଷତାକ୍ତ ହୋଇଥିଲେ ତଥାପି ସେ ପଛଘୁଂଚା ଦେଇନଥିଲେ । ଏକଦା ସେ ନିଜ ଅସୁସ୍ଥତା ଅବସ୍ଥାରେ ନିଜ ବନ୍ଧୁଙ୍କୁ କହିଲେ ମୁଁ ଏହା ଅନୁଭବ କରୁଛି ଯେ ଅଲ୍ଲାଃ ତାଲା ବୋଧ ହୁଏ ମତେ ଦୁଇଟି କର୍ମ ଯୋଗୁଁ କ୍ଷମା ଦେବେ । ପ୍ରଥମତଃ ମୁଁ କୌଣସି ବାଜେ କଥା କୁହେନାହିଁ, କାହାର ଚୁଗୁଲି କରେନାହିଁ । ଲୋକମାନଙ୍କ ପଛରେ ତାଙ୍କ ବିଷୟରେ ବାର୍ତାଳାପ କରେନାହିଁ ଏବଂ ଦ୍ୱିତୀୟତଃ ମୋ ମନରେ କୌଣସି ମୁସଲମାନ ପାଇଁ ବୈରାଗ୍ୟ ଭାବ ଅବା ବିଦ୍ୱେଷଭାବ ନାହିଁ (ଉଦ୍ଧୃତ ଖୁତ୍‌ବା ଯୁମା ପ୍ରଦତ ୧୬ ମାର୍ଚ୍ଚ ୨୦୧୮ ବହଓ୍ୱାଲା ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ତାରିଖ ୬-୧୨ ଏପ୍ରିଲ୍ ୨୦୧୮ ଖଣ୍ଡ-୨୫ ସଂଖ୍ୟା ୧୪ ପୃ-୫) । ଏଠାରେ ତାଙ୍କର ଚର୍ଚ୍ଚା ସମାପ୍ତ ହେଲା ।

ବର୍ତମାନ ମୁଁ କେତେକ ମୃତକଙ୍କ ସମ୍ପର୍କରେ ଚର୍ଚ୍ଚା କରିବି ଏବଂ ସେମାନଙ୍କର ନମାଜ ଯନାଜାଃ ମଧ୍ୟ ପଢ଼ାଇବି । ତନ୍ମଧ୍ୟରେ ଜଣେ ଶହୀଦ ରହିଛନ୍ତି ଯାହାଙ୍କୁ ବିଗତ ଦିନ ଶହୀଦ କରିଦିଆଯାଇଥିଲା । ସୁତରାଂ ଉକ୍ତ ଶହୀଦ ଜଣଙ୍କ ହେଉଛନ୍ତି ସମ୍ମାନୀୟ ସ୍ୱର୍ଗତ ମେହବୁବ୍ ଖାନ୍ ସାହେବ୍ ଇବ୍‌ନେ ସୟଦ ଜଲାଲ୍ ସାହେବ ଜିଲ୍ଲା ପେଶାଓ୍ୱରଙ୍କର । ମେହବୁବ୍ ଖାନ୍ ସାହେବ୍‌ଙ୍କୁ ବିରୋଧିମାନେ ଚଳିତ ନଭେମ୍ବର ମାସ ୮ ତାରିଖ ଦିନ ସକାଳ ପ୍ରାୟ ୮ ଘଟିକା ସମୟରେ ଗ୍ରାମ ଶେଖ୍ ମୁହମ୍ମଦୀ ଜିଲ୍ଲା ପେଶାଓ୍ୱରଠାରେ ଗୁଳି କରି ଶହୀଦ କରିଦିଆଗଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ।

ବିବରଣୀ ଅନୁଯାୟୀ ମେହବୁବ୍ ଖାନ୍ ସାହେବ୍ ନଭେମ୍ବର ମାସ ୬ ତାରିଖ ଦିନ ଖୁସ୍‌ହାଲ୍ ଟାଉନ୍ ପେଶାଓ୍ୱରରୁ ନିଜର ନାତୁଣୀ ଯିଏକି ନିଜ ପରିବାରବର୍ଗଙ୍କ ସହିତ ପଡ଼ୋଶୀ ଗ୍ରାମରେ ରହୁଥିଲେ, ତାଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ । ନଭେମ୍ବର ୮ ତାରିଖ ଦିନ ଘରକୁ ଫେରିବାପାଇଁ ବାହାରିଲେ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପହଂଚିଥିଲେ କି ଏକ ଅଜ୍ଞାତ ବ୍ୟକ୍ତି ତାଙ୍କ ପିଛା କରି ତାଙ୍କୁ ଗୁଳିକରି ଶହୀଦ କରିଦେଲା । ଗୁଳିଟି ତାଙ୍କ ମସ୍ତିଷ୍କର ପଛଭାଗରେ ଭେଦ କରି ସମ୍ମୁଖ ପଟରୁ ବାହାରି ଆସିଥିଲା ଯାହା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ଏବଂ ସେ ବୀରଗତି ପ୍ରାପ୍ତ କରିଥିଲେ । ଦୁର୍ବୃତ ଜଣକ ଗୁଳିଚାଳନା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ସ୍ୱର୍ଗତ ଶହୀଦଙ୍କର ବୟସ ପ୍ରାୟ ୮୦ ବର୍ଷ ଥିଲା । ସ୍ୱର୍ଗତ ମେହବୁବ୍ ଖାନ୍ ସାହେବ୍ ପବ୍ଲିକ୍ ହେଲ୍‌ଥ ଇନିଞ୍ଜିନିୟର ବିଭାଗରୁ ୨୦୦୨ ମସିହାରେ ଜଣେ ଅଫିସର ସୁପରିଟେଣ୍ଡେଟ ଭାବରେ ଅବସର ନେବାପରେ ପେନ୍‌ଶନ୍‌ର ଭାବରେ ନିଜ ଜୀବନକୁ ଅତିବାହିତ କରୁଥିଲେ । ଶହୀଦଙ୍କ ସ୍ୱର୍ଗତ ପିତା ସୟଦ ଜଲାଲ୍ ସାହେବ ୧୯୩୦ ମସିହାରେ ବୟତ କରି ଯମାତ୍ ଅହେମଦୀୟାରେ ଅର୍ନ୍ତଭୁକ୍ତ ହୋଇଥିଲେ ଏବଂ ଶହୀଦ ଜନ୍ମଗତ ଅହେମଦୀ ଥିଲେ ।

ସ୍ୱର୍ଗତ ଶହୀଦ ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ । ସେ ନିୟମିତ ଭାବରେ ତହ୍‌ଜୁଦ୍ ପାଠ କରୁଥିବା ଜଣେ ଶିଷ୍ଟାଚାରୀ, ଭଦ୍ର, ଅତିଥିସତ୍କାରୀ ଥିବା ସହିତ ବଦାନ୍ୟତାରେ ମଧ୍ୟ ବେଶ୍ ଆଗରେ ଥିଲେ । ଦାଓ୍ୱତେ ଇଲ୍ଲଲ୍ଲା ପ୍ରତି ତାଙ୍କର ପ୍ରବନ୍ଧ ଅଭିରୁଚି ରହିଥିଲା । ସତ୍ୟବାର୍ତା ପହଂଚାଇବାରେ ସେ ସର୍ବଦା ଆତୁର ରହୁଥିଲେ । ତାଙ୍କୁ ଯେତେବେଳେ ବି ସର୍ତକତା ଅବଲମ୍ବନ କରିବାପାଇଁ କୁହାଯାଉଥିଲା ସେତେବେଳେ ତାଙ୍କର ଏହି ଅଭିମତ ରହୁଥିଲା ଯେ ଏବେ ତ ଅଲ୍ଲାଃ ତାଲାଙ୍କ ଆଗରେ ଉପସ୍ଥିତ ହେବାପାଇଁ ସମୟ ଆସିଯାଇଛି । ଯଦି ଶାହାଦତ୍ ମିଳେ ତେବେ ଏହାଠୁ ବଳି ଆଉ ସୌଭାଗ୍ୟର କଥା କଣ ହେବ । ସେ ଯାହା ହେଉ ନା କାହିଁକି ତାଙ୍କର ଏହି ମନସ୍କାମନା ମଧ୍ୟ ପୁରଣ ହୋଇଗଲା । ମେହବୁବ୍ ଖାନ୍ ସାହେବ୍‌ଙ୍କ ପତ୍ନୀ ମେରାଜ୍ ବେଗମ୍ ସାହିବାଙ୍କୁ ଏହି ମର୍ଯ୍ୟାଦା ପ୍ରାପ୍ତ ହୋଇଛି ଯେ ତାଙ୍କର ପିତା ମୁହମ୍ମଦ ସଇଦ୍ ସାହେବ ଓ ଚଚା ବଶୀର ଅହେମଦ୍ ସାହେବ ୧୯୬୬ ମସିହାରେ ଶହୀଦ ହୋଇଥିଲେ ଏବଂ ବର୍ତମାନ ଏହି ସୌଭାଗ୍ୟଟି ତାଙ୍କର ସ୍ୱାମୀଙ୍କୁ ପ୍ରାପ୍ତି ହୋଇଛି । ଏହିଭଳି ସେ ଜଣେ ଶହୀଦଙ୍କ ପତ୍ନୀ ଜଣେ ଶହୀଦଙ୍କ ପୁତ୍ରୀ, ଜଣେ ଶହୀଦଙ୍କ ଝିଆରୀ ଓ ଶହୀଦଙ୍କ ପତ୍ନୀ ମଧ୍ୟ ଅଟନ୍ତି ।

ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ପତ୍ନୀ ମେରାଜ୍ ବେଗମ୍ ସାହିବାଙ୍କ ବ୍ୟତିତ ଦୁଇ ପୁତ୍ର ମୁନଓ୍ୱର ସାହେବ୍, ଫଜ୍‌ଲେ ଅହେମଦ୍ ସାହେବ ଏବଂ ଦୁଇପୁତ୍ରୀ ଜକିୟା ବେଗମ୍ ସାହିବା ତଥା ଓ୍ୱହିଦା ବେଗମ୍ ସାହିବା ଏବଂ ଦୁଇ ଜଣ ନାତି ଜଣେ ନାତୁଣୀ (ପୁଅଙ୍କ ସନ୍ତାନ) ଅଛନ୍ତି ଏବଂ ଝିଅଙ୍କ ସନ୍ତାନମାନଙ୍କ ମଧ୍ୟରେ ଛଅ ଜଣ ନାତି ଓ ଚାରିଜଣ ନାତୁଣି ଅଛନ୍ତି । ସ୍ୱର୍ଗତ ଶହୀଦ ମେହବୁବ୍ ଖାନ୍ ସାହେବ୍‌ଙ୍କ ସାନପୁଅ ମାଇକ୍ରୋବାୟୋଲଜିରେ Ph.D ହାସଲ କରିଛନ୍ତି, ଶହୀଦଙ୍କ ବଡ଼ପୁଅ ଜର୍ମାନୀରେ ଅଛନ୍ତି ସାନପୁଅ ଅଷ୍ଟ୍ରେଲିଆରେ ବସବାସ କରୁଛନ୍ତି । ଫଜଲ୍ ଅହେମଦ୍ ସାହେବ ମଧ୍ୟ ଶିକ୍ଷିତ ବ୍ୟକ୍ତି ଅଟନ୍ତି, ସେ ଇଂରାଜୀରେ ଏମ୍.ଏ ଡ଼ିଗ୍ରୀ ହାସଲ କରିଛନ୍ତି ।

ଶହୀଦଙ୍କ ପୁତ୍ର ମୁନଓ୍ୱର ସାହେବ କୁହନ୍ତି ମୋ ପିତାଶ୍ରୀ ନିଜ ଅଂଚଳରେ ଶାନ୍ତି ଓ ସୌହାର୍ଦ୍ଧ୍ୟ ପ୍ରତିଷ୍ଠା ଲାଗି ସର୍ବଦା ଅଭ୍ୟସ୍ତରତ ରହୁଥିଲେ । ବେଳେବେଳେ ଦୁଇପକ୍ଷଙ୍କ ମଧ୍ୟରେ ଝଗଡ଼ାର ସମାଧନା ତଥା ସୁଲାହ ସନ୍ଧି ପାଇଁ ଅକ୍ଳାନ୍ତ ପରିଶ୍ରମ ମଧ୍ୟ କରୁଥିଲେ । ସେ ଗରିବ ଓ ଅଭାବି ଲୋକମାନଙ୍କୁ ସର୍ବଦା ସାହାଯ୍ୟ ପାଇଁ ପ୍ରସ୍ତୁତ ରହୁଥିଲେ । ନିଜର ଆବଶ୍ୟକତା ସକାଶେ ଲୋକମାନେ ତାଙ୍କ ନିକଟକୁ ଧାଇଁ ଆସୁଥିଲେ ଏବଂ ସେ ସେମାନଙ୍କୁ ସାହାଯ୍ୟ କରିବାପାଇଁ ମଧ୍ୟ ସର୍ବଦା ତତ୍ପର ରହୁଥିଲେ ଓ ସେମାନଙ୍କୁ ନଗଦ ଟଙ୍କା ଓ ଶସ୍ୟ ମଧ୍ୟ ପ୍ରଦାନ କରୁଥିଲେ । ଅତି ବିନିତ ସ୍ୱଭାବ ସମ୍ପନ୍ନ ବ୍ୟକ୍ତି ଥିଲେ । ଅତ୍ୟନ୍ତ ଧୈର୍ଯ୍ୟ ପ୍ରଦାର୍ଶନ କାରୀ ଅନ୍ୟମାନଙ୍କ ଦୁଃଖକଷ୍ଟରେ ସମବେଦନା ଓ ସହାନୁଭୁତି ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ସେ ସର୍ବଦା ସାହାଯ୍ୟ କରିବାପାଇଁ ପ୍ରସ୍ତୁତ ରହୁଥିଲେ । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଓ ତାଙ୍କ ପୂଣ୍ୟବଳୀଗୁଡ଼ିକ ତାଙ୍କ ସନ୍ତାନ ସନ୍ତତିଙ୍କୁ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ପାକିସ୍ତାନର ଜଣେ ମୁବଲିଗ୍ ସାହେବ ସ୍ୱର୍ଗତ ଫଖର୍ ଅହ୍‌ମଦ୍ ଫରଖ୍ ସାହେବଙ୍କର ନଭେମ୍ବର ୧ ତାରିଖ ଦିନ ପ୍ରାୟ ସନ୍ଧ୍ୟା ୬:୧୫ ମିନିଟ ସମୟରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଅକାଳ ବିୟୋଗ ଘଟିଲା । ଦୁର୍ଘଟଣା ସମୟରେ ସେ ନିଜର ସୁପୁତ୍ର ଏହ୍‌ତେଶାମ୍ ଅହ୍‌ମଦ୍ ଅବ୍‌ଦୁଲ୍ଲା ସାହେବଙ୍କ ସହିତ ଅହେମଦ୍ ନଗରରୁ ଆସୁଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ବାଟରେ ଦୁର୍ଘଟଣା ଘଟିଲା ଏବଂ ସେହି ସ୍ଥଳରେ ବାପ ପୁଅ ଦୁହିଁଙ୍କର ମୃତ୍ୟୁ ଘଟିଲା *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ।

ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ଫଖର୍ ଅହ୍‌ମଦ୍ ଫରଖ୍ ସାହେବ ଜଣେ ମୁସି ଥିଲେ ତାଙ୍କ ପିତାଶ୍ରୀ ସ୍ୱୟମ ବୟତ କରି ଯମାତ୍‌ରେ ଅନ୍ତର୍ଭୁକ୍ତ ହୋଇଥିଲେ । ଏପରି ତାଙ୍କ ବଂଶରେ ଅହେମଦୀୟତର ଆଗମନ ହୋଇଥିଲା । ୧୯୯୬ ମସିହାରେ ଯାମିୟା ଅହେମଦୀୟା ରବୁଓ୍ୱାରୁ ଉତୀର୍ଣ୍ଣ ହୋଇ ସେ ପାକିସ୍ତାନର ବିଭିନ୍ନ ଅଂଚଳରେ ସେବା ସମ୍ପାଦନ କରିଥିଲେ । ଏହାପରେ ସ୍ୱର୍ଗତ ମୁବ୍‌ଲିଗ୍ ସାହେବଙ୍କୁ ଆଇଭେରି କୋଷ୍ଟ ଓ ପଶ୍ଚିମ ଆଫ୍ରିକା ଆଦି ଦେଶକୁ ପ୍ରେରଣ କରାଯାଇଥିଲା । ଯେଉଁଠାରେ ସେ ନିଜର ସେବା ସମ୍ପାଦନ କରିଥିଲେ । ଗତ ୮ ବର୍ଷ ଧରି ସେ ଅହେମଦ୍ ନଗର ପାକିସ୍ତାନରେ ଜଣେ ମୁବଲିଗ୍ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରୁଥିଲେ । ତାଙ୍କର ବିବାହ ତାହେରା ଫଖର୍ ସାହିବାଙ୍କ ସହିତ ହୋଇଥିଲା

ଯିଏ କି ଅଲି ଅସ୍‌ଗର୍ ସାହେବଙ୍କ ସୁପୁତ୍ରୀ ଥିଲେ । ଉକ୍ତ ବିବାହରୁ ତାଙ୍କୁ ଚାରୋଟ ପୁତ୍ରୀ ଓ ଗୋଟିଏ ପୁତ୍ର ସନ୍ତାନ ପ୍ରାପ୍ତ ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ର ମଧ୍ୟ ସେହି ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛି । ସ୍ୱର୍ଗତଙ୍କ ପଛରେ ତାଙ୍କ ପତ୍ନୀଙ୍କ ବ୍ୟତିତ ଚାରିଜଣ ପୁତ୍ରୀ ଓଜିହା ଅମ୍‌ତୁସ୍‌ସବୁହ୍, ଖାଫିୟା ଫଖର୍, ସମ୍‌ରିନ ଓ ମେହେରନ୍ ଫଖର୍ ଏବଂ ନିଜ ମାତା ଓ ଭଉଣୀଙ୍କୁ ଛାଡ଼ି ଯାଇଛନ୍ତି ।

ସ୍ୱର୍ଗତ ଫଖର୍ ଅହ୍‌ମଦ୍ ଫରଖ୍ ସାହେବଙ୍କ ପତ୍ନୀ କୁହନ୍ତି ଯେତେବେଳେ ଆମର ବିବାହ ହେଲା ସେତେବେଳେ ମୁବ୍‌ଲିଗ୍ ସାହେବ ଖୁସାବ୍ ନାମକ ଏକ ଗ୍ରାମରେ ମୁତୟନ ଥିଲେ ଏବଂ ମୁଁ ଯେତେବେଳେ ସେହି ସେଂଟରକୁ ଗଲି ସେତେବେଳେ ସେ ମତେ ଜଣେ ମୁବ୍‌ଲିଗ୍‌ର ପତ୍ନୀର କର୍ତବ୍ୟ ସମ୍ପର୍କରେ ଅବଗତ କଲେ ଏବଂ ବୁଝାଇଲେ ଯେ ବର୍ତମାନ ତୁମେ ମୋ ସହିତ ୱ୍‌କ୍‌ଫ ଭାବରେ ଯମାତ୍ କାର୍ଯ୍ୟରେ ଆଗକୁ ବଢ଼ିବା ଉଚିତ ଏବଂ ଏଥିରେ ଅଂଶ ଗ୍ରହଣ କରିବା ଉଚିତ । ସେ ଏହିପରି ଭାବରେ ମୋ ସଂସ୍କାର କରିଥିଲେ ଏହାପରେ ବଦୀନ୍ ନାମକ ସ୍ଥାନକୁ ତାଙ୍କର ବଦଳି ହୋଇଥିଲା । ସ୍ୱର୍ଗତ ମୁବ୍‌ଲିଗ୍ ସାହେବ ସେଠାକୁ ପ୍ରଥମେ ଚାଲିଯାଇଥିଲେ ଏବଂ ମୁଁ କିଛି ଦିନ ପରେ ସେଠାରେ ପହଂଚିଥିଲି ତେବେ ତାହେରା ଫଖର୍ ସାହେବା ଉଲ୍ଲେଖ କରନ୍ତି ଯେ ମୁଁ ବଦିନ୍ ଯିବା ପୂର୍ବରୁ ମୁବ୍‌ଲିଗ୍ ସାହେବଙ୍କୁ ସୁଚିତ କରିଥିଲି ଯେ ମୁଁ ଅମୁକ ଦିନ ଅମୁକ ସମୟରେ ପହଂଚିବି ଆପଣ ସେଠାରେ ଉପସ୍ଥିତ ଥିବେ କିନ୍ତୁ ମୁଁ ଯେଉଁଦିନ ସେଠାରେ ପଂହଚିଲି ସେ ସେଂଟରରେ ଥିବା ଘରେ ନଥିଲେ ମୁଁ ପୂରା ଦିନ ଖରାରେ ମସ୍‌ଜିଦ୍ ବାହାରେ ଅତିବାହିତ କଲି ମୁଁ ଜାଣିବାକୁ ପାଇଲି ଯେ ସ୍ୱର୍ଗତ ମୁବ୍‌ଲିଗ୍ ସାହେବ କୌଣସି ମୁଅଲ୍ଲିମ୍‌ଙ୍କ ପତ୍ନୀଙ୍କ ଅସୁସ୍ଥତା ଯୋଗୁଁ ତାଙ୍କୁ ରକ୍ତଦାନ କରିବାକୁ ଚାଲିଯାଇଛନ୍ତି ତେବେ ଫେରିବାରୁ ମୁଁ ତାଙ୍କୁ ପଚାରିଲି ଯେ ମୁଁ ସାରା ଦିନ ଖରାରେ ମସ୍‌ଜିଦ୍ ବାହାରେ ରହି ଅତିବାହିତ କଲି ଆପଣ ଏ ବିଷୟରେ ଜାଣିଥିଲେ ଯେ ମୁଁ ଏତେ ଦୀର୍ଘଦିନ ଧରି ଦୀର୍ଘ ରାସ୍ତା ପଥ ଯାତ୍ରା ଅତିକ୍ରମ କରି ଆସି ପହଂଚିବାର ଥିଲା ତଥାପି ଆପଣ ଉପସ୍ଥିତ ନଥିଲେ ପ୍ରତି ଉତରରେ ସେ କହିଲେ ଏହି ରକ୍ତଦାନ ଏକ ମହତ କାମ ଅଟେ ଅତ୍ୟନ୍ତ ଜରୁରୀ ଥିଲା ଏବଂ ସେ ମତେ ଏପରି ବୁଝାଇଲେ ଯେପରି ବଳିଦାନ କରିବା ପାଇଁ ଉପସ୍ଥିତ ରହିବା ଉଚିତ ।

ସ୍ୱଗର୍ତ ଫକର୍ ଅହେମଦ୍ ସାହେବ ଯେତେବେଳେ ଆଇଭେରି କୋଷ୍ଟ ଗଲେ ସେଠାରେ ମଧ୍ୟ ବହୁତ ମାନବସେବାମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ । ଧର୍ମସେବା କରିବା ସହିତ ସର୍ବଦା ପତ୍ନୀ ଓ ସନ୍ତାନମାନଙ୍କୁ ଧର୍ମକୁ ଅଗ୍ରାଧିକାର ଦେବାପାଇଁ ଉତ୍ସାହିତ କରୁଥିଲେ । ସ୍ୱଗର୍ତ ଫକର୍ ଅହେମଦ୍ ସାହେବଙ୍କ ପତ୍ନୀ କୁହନ୍ତି ଏକଦା ମୋର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଗଲା ଏବଂ ମୋର ପ୍ରସବ ବେଦନା ଆରମ୍ଭ ହୋଇଯାଇଥିଲା । ମୋ ସ୍ୱାମୀ ମେଡ଼ିକାଲ୍ କ୍ୟାମ୍ପକୁ ଯାଇଥିଲେ ଡ଼ାକ୍ତର କହିଲେ ଯେ ମୋର ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ୱର ରହିଛି କିନ୍ତୁ ସେ ମତେ ଛାଡ଼ି ଚାଲିଗଲେ ଏବଂ ଗଲାବେଳେ ଏତିକି କହିକି ଗଲେ ଯେ ଅଲ୍ଲାଃ ତାଲା ନିଶ୍ଚୟ କୃପା ଅବତୀର୍ଣ୍ଣ କରିବେ ତୁମେ ଜଣେ ୱ୍‌କ୍‌ଫେ ଜିନ୍ଦଗୀର ପତ୍ନୀ ତେଣୁ ବ୍ୟସ୍ତ ହୁଅନାହିଁ ତୁମର କିଛି ହେବନାହିଁ । ଅତଃ ମୁବ୍‌ଲିଗ୍ ସାହେବ ପ୍ରତ୍ୟେକ ପ୍ରସଙ୍ଗରେ ଧର୍ମକୁ ଅଗ୍ରାଧିକାର ଦେଉଥିଲେ । ସ୍ୱଗର୍ତ ଫକର୍ ଅହେମଦ୍ ସାହେବ ଜଣେ ଧର୍ମ ସେବକ, ଅତିଥିସତ୍କାରି, ମାନବସେବି ବ୍ୟକ୍ତି ଥିଲେ । ପର ଆପଣା ସମସ୍ତଙ୍କୁ ବେଶ୍ ଭଲ ପାଉଥିଲେ । ନିଜ ସନ୍ତାନମାନଙ୍କ ସହିତ ବନ୍ଧୁଙ୍କ ପରି ସମ୍ପର୍କ ରଖୁଥିଲେ ଓ ତାଙ୍କ ସହ ଆଚରଣ କରୁଥିଲେ । ସେ କୌଣସି ସମସ୍ୟା ହେଉ ନା କାହିଁକି ଘର ବା ବାହାରର ଯମାତ୍ ସମ୍ପର୍କୀୟ ହେଉ ଅବା ଅଣଯମାତ୍ ସମ୍ପର୍କୀୟ ଅତ୍ୟନ୍ତ ପ୍ରସନ୍ନ ଚିତ ଶୈଳୀରେ ସେ ଲୋକମାନଙ୍କୁ ବୁଝାଉଥିଲେ ସେମାନଙ୍କ ସାହାଯ୍ୟ କରୁଥିଲେ । ସେ ନିଜ ସନ୍ତାନମାନଙ୍କୁ ମଧ୍ୟ ଏହା ବୁଝାଉଥିଲେ ଯେ ତୁମେମାନେ ୱ୍‌କ୍‌ଫେ ଜିନ୍ଦଗୀ ଜଣେ ମୁବଲିଗ୍‌ର ସନ୍ତାନ ତେଣୁ ତୁମେମାନେ ସର୍ବଦା ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବ ଏବଂ ଅନ୍ୟମାନଙ୍କ ଆଗରେ ନିଜର ସର୍ବୋଚ୍ଚ ଆଦର୍ଶ ପ୍ରଦର୍ଶନ କରିବ ।

ଆଇଭେରି କୋଷ୍ଟର ମୁବ୍‌ଲିଗ୍ ସାହେବ ବାସିତ୍ ସାହେବ କୁହନ୍ତି: ସ୍ୱର୍ଗତ ଜଣେ ମୁବ୍‌ଲିଗ୍ ହିସାବରେ ଆଇଭେରି କୋଷ୍ଟକୁ ଆଗମନ କରିଥିଲେ ସେ ଜଣେ ମେଳାପି ବ୍ୟକ୍ତି ଓ ସଂସ୍କାରି ଓ ଅନେକ ସୁଗୁଣର ଅଧିକାରି ଥିଲେ ତାଙ୍କ ବ୍ୟକ୍ତିତ୍ୱର ବିଶିଷ୍ଟ କଥା ତାଙ୍କର କଥାବାର୍ତା ଲୋକମାନଙ୍କ ହୃଦୟକୁ ମୋହିତ କରୁଥିଲା । ଯେଉଁବ୍ୟକ୍ତିକୁ ସେ ଦେଖା କରୁଥିଲେ ସେହି ବ୍ୟକ୍ତି ତାଙ୍କର ପ୍ରଶଂସକ ସାଜୁଥିଲା । ପାଂଚବର୍ଷ ପର୍ଯ୍ୟନ୍ତ ଓମେ ରିଜିୟନ୍‌ରେ ସେ ମୁବ୍‌ଲିଗ୍ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରିଥିଲେ । ଉତମ ଚରିତ୍ରାବର୍ତା ଏବଂ ସହାନୁଭୂତି ପ୍ରୀୟ ଯୋଗୁଁ ପ୍ରତ୍ୟେକ ବଡ଼ ଓ ସାନ ତାଙ୍କର ସହିତ ସମ୍ପର୍କ ସ୍ଥାପନ କରିନେଉଥିଲା । ଜଲ୍‌ସା ସାଲାନା ଅବସରରେ ଯିବାପାଇଁ କେତେକ ଦରିଦ୍ରଙ୍କୁ ସେ ଗୁପ୍ତ ଭାବରେ ବାଟ ଖର୍ଚ୍ଚ ଓ ଗାଡ଼ି ଭଡ଼ା ପ୍ରଦାନ କରୁଥିଲେ । ବାସିତ୍ ସାହେବ କୁହନ୍ତି ଓମେ ଠାରେ ଅବସ୍ଥାନ କାଳରେ ତାଙ୍କ ଅଂଚଳଟି ଉପସ୍ଥିତରେ ପ୍ରଥମ ରହିଥିଲ ଅର୍ଥାତ ଉକ୍ତ ଯମାତ୍ ପ୍ରଥମ ସ୍ଥାନ ଅଧିକାର କରିଥଲା । ସେଠାକାର ସମାରୋ ହାରୁନ୍ ନାମକ ଜଣେ ଆଚଂଳିକ ମୁଅଲ୍ଲିମ୍ ସାହେବ କୁହନ୍ତି ମୁଁ ତାଙ୍କ ସାହିତ ଅଢ଼େଇବର୍ଷ କାଳ ପର୍ଯ୍ୟନ୍ତ ରହିଲି ଏବଂ କାମ କଲି ଜଣେ ବଡ଼ ଭାଇ ଭାବରେ ସେ ମୋ ସହ ଆଚରଣ କରିଥିଲେ । ତାଙ୍କର ଗୋଟିଏ କଥାକୁ ମୁଁ ବିଶେଷରୂପେ ନୋଟ୍ କରିଥିଲି ଯେ ସେ ଜଣେ ପରିଶ୍ରମି, ଆବେଗ ପୂର୍ଣ୍ଣ ତଥା ଉଦ୍ୟମି, ନିଷ୍ଠାପର ଓ କର୍ତବ୍ୟ ସମ୍ପନ୍ନ ବ୍ୟକ୍ତି । ସେ ତବ୍‌ଲିଗ୍ କାମ ହେଉ, କି ଚାନ୍ଦା ଆଦାୟ ହେଉ କିମ୍ବା ଜଲ୍‌ସା ସାଲାନାର ପ୍ରସ୍ତୁତି କାର୍ଯ୍ୟ ହେଉ ସମସ୍ତ କାର୍ଯ୍ୟ ଶିଘ୍ର ସାରିବାକୁ ସେ ଉତ୍କଣ୍ଠିତ ରହୁଥିଲେ, ବ୍ୟସ୍ତ ରହୁଥିଲେ । ତବ୍‌ଲିଗ୍‌ର ଏହି ବ୍ୟବସ୍ଥା ଥିଲା ଯେ ସେ ଚାହୁଁଥିଲେ ଯେ ପ୍ରତ୍ୟେକ ଗ୍ରାମରେ ଯମାତ୍‌ର ବାର୍ତା ଯଥା ଶିଘ୍ର ପହଂଚିଯାଉ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ତାଙ୍କ ସୁପୁତ୍ରୀମାନଙ୍କୁ ଏବଂ ତାଙ୍କର ପତ୍ନୀଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କ ଦୁଃଖକଷ୍ଟକୁ ଦୂର କରି ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସ୍ୱର୍ଗତ ମୁବଲିଗ୍ ଫଖର୍ ଅହେମଦ୍ ସାହେବଙ୍କ ସୁପୁତ୍ର ଏହେତ୍‌ଶାମ୍ ଅହ୍‌ମଦ୍ ଅବ୍‌ଦୁଲ୍ଲାଃ ସାହେବଙ୍କର ଯିଏ କି ସେହି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ଅଲ୍ଲାଃ ତାଲାଙ୍କ ଦୟାରୁ ସେ ୱ୍‌କ୍‌ଫେ ନୌର ସ୍କିମ୍‌ରେ ସାମିଲ ଥିଲେ । ଆଜିକାଲି ସେ ପ୍ରଥମ ବର୍ଷରେ ଅଧ୍ୟୟନ ରତ ଥିଲେ ଯୁକ୍ତ ଦୁଇରେ ଅଧ୍ୟୟନରତ ଥିଲେ । ସେ ମୁସି ତ ନଥିଲେ କିନ୍ତୁ ୱ୍‌ସିୟତ ଫର୍ମ ପୁରଣ କରିଥିଲେ ଏବଂ ଏହି ଫର୍ମକୁ ସେ ଦାଖଲ କରିପାରିନଥିଲେ । ସେ ଯାହା ହେଉ ନା କାହିଁକି ଯଦି ତାଙ୍କର ଫର୍ମ ପୂରଣ ହୋଇଯାଇଥିଲା ତାହେଲେ ୱ୍‌ସିୟତର ପ୍ରବନ୍ଧକ ଏହା ଉପରେ ପଦକ୍ଷେପ ନେଇ ସଠିକ୍‌ରୂପେ କାର୍ଯ୍ୟାନୁଷ୍ଠାନ କରିପାରିବେ । ତାଙ୍କର ମାତା ତାହେରା ଫଖ୍‌ରା ସାହିବା କୁହନ୍ତି ତାଙ୍କ ପୁତ୍ର ଅନେକ ସୁଗୁଣର ଅଧିକାରି ଥିଲା । ପୂଣ୍ୟ ଓ ଉତମ ଚରିତ୍ରବାନ୍ ଓ ଆଜ୍ଞାପାଳନକାରୀ ପୁତ୍ର ଥିଲା । ୱ୍‌କ୍‌ଫେ ନୌର ତହ୍‌ରିକ୍‌ରେ ସାମିଲ ଥିଲା ସେ ନିୟମିତ ରୂପେ ନମାଜ ପଢୁଥିଲା । ଖୁଦାମୁଲ୍ ଅହେମଦୀୟାର ଜଇମ୍ ସାହେବଙ୍କ ପ୍ରତ୍ୟେକ ଆଦେଶକୁ ପାଳନ କରୁଥିଲା ଏବଂ ଅତ୍ୟନ୍ତ ଉତମ ଶୈଳୀରେ ନିଜର କର୍ତବ୍ୟ ସମ୍ପାଦନ କରୁଥିଲା । ଯେଉଁଦିନ ତା'ର ମୃତ୍ୟୁ ଘଟିଲା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 14 Jan 2021 Issue No. 02

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.500/- (Per Issue:Rs.9/-) (**WEIGHT** - 20-50gms/issue)

## ଖୁତ୍‌ବା ଯୁମା ପ୍ରଦତ ୧୩ ନଭେମ୍ବର ୨୦୨୦ର ଅବଶିଷ୍ଟାଂଶ

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ ଉକ୍ତ ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି କି ଓ୍ୱହଦ୍ ଯୁଦ୍ଧରେ ହଜୁର ସ:ଆ:ସ ଏକ ତରବାରୀ ଉପସ୍ଥାପିତ କଲେ ଏବଂ କହିଲେ ମୁଁ ଏହି ତରବାରୀଟି ସେହି ବ୍ୟକ୍ତିଙ୍କୁ ପ୍ରଦାନ କରିବି ଯିଏ ଉକ୍ତ ତରବାରୀର କର୍ତବ୍ୟ ସମ୍ପାଦନ କରିବ ଏବଂ ତାହାର ମତେ ପ୍ରତିଶୃତି ଦେବ । ସୁତରାଂ ଉକ୍ତ ତରବାରୀକୁ ନେବାପାଇଁ ଅନେକ ସାହାବା ଆଗେଇ ଆସିଥିଲେ କିନ୍ତୁ ହଜୁର ସ:ଆ:ସ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କୁ ଯେ କି ଜଣେ ଅନ୍‌ସାରୀ ସାହାବି ଥିଲେ, ତାଙ୍କୁ ପ୍ରଦାନ କରିଥିଲେ । ଯୁଦ୍ଧରେ ଏକ ସ୍ଥଳରେ ମକ୍କାବାସୀ କିଛି ସିପାହୀମାନଙ୍କୁ ଧରି ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ଉପରକୁ ଆକ୍ରମଣ କଲେ ସୁତରାଂ ଯେତେବେଳେ ସେ ଶତ୍ରୁମାନଙ୍କ ସହିତ ଲଢୁଥିଲେ ସେତେବେଳେ ସେ ଦେଖିଲେ ଯେ ଜଣେ ସିପାହୀ ସବୁଠାରୁ ଅଧିକ ଉତ୍ସାହର ସହିତ ଯୁଦ୍ଧରେ ଲଢୁଛନ୍ତି ସୁତରାଂ ଅବୁ ଦୁଜାନା ର:ଅ ତରବାରୀ ଧରିଲେ ଏବଂ ତା ଆଡ଼କୁ ଦ୍ରୁତଗତିରେ ବଢ଼ିଲେ କିନ୍ତୁ ସେ ତାହାକୁ ଛାଡ଼ି ଫେରିଆସିଲେ । ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ଜଣେ ବନ୍ଧୁ ତାଙ୍କୁ ପଚାରିଲେ ଆପଣ ଉକ୍ତ ବ୍ୟକ୍ତିକୁ କାହିଁକି ଛାଡ଼ିଦେଲେ ସେ ଉତର ଦେଲେ ଯେତେବେଳେ ତା ନିକଟକୁ ଗଲି ସେତେବେଳେ ସେ ନିଜ ତୁଣ୍ଡରୁ ଏଭଳି ଏକ ବାକ୍ୟ ଉଚ୍ଚାରଣ କଲେ ଯେଉଁଥିରୁ ମୁଁ ଜାଣିପାରିଲି ଯେ ସେ, ପୁରୁଷ ନୁହନ୍ତି ବରଂ ଜଣେ ମହିଳା । ତାଙ୍କ ବନ୍ଧୁ କହିଲେ ସେ ଯାହା ହେଉ ନା କାହିଁକି ଉକ୍ତ ମହିଳା ଜଣକ ସିପାହୀଙ୍କ ପରି ଲଢୁଥିଲା ଏବଂ ଆପଣ ତାକୁ ଜୀବିତ ଛାଡ଼ି ଦେବା ଟା ଠିକ୍ ହେଲାନାହିଁ । ସେଥିରେ ସେ କହିଲେ ମୋର ଅନ୍ତରଆତ୍ମା ଏକଥା ପସନ୍ଦ କଲାନାହିଁ ଯେ ମୁଁ ହଜୁର ସ:ଆ:ସଙ୍କ ତରବାରୀ ଦ୍ୱାରା ଏକ ନିରୀହ ଅବଳା ମହିଳା ଉପରେ ପ୍ରୟୋଗ କରି ତାହାକୁ ନିହତ କରିଦିଏ । ଅତଃ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ ହଜୁର ସ:ଆ:ସ ନାରୀମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାପାଇଁ ସର୍ବଦା ଶିକ୍ଷା ଦେଉଥିଲେ । ସେଥିଯୋଗୁଁ ଅବିଶ୍ୱାସକାରୀ ମହିଳାମାନେ ଅତ୍ୟନ୍ତ ସାହାସର ସହିତ ମୁସଲମାନମାନଙ୍କୁ କ୍ଷତି ପହଂଚାଉଥିଲେ ଅବା ସେଥିପାଇଁ ଉଦ୍ୟମ କରୁଥିଲେ । ଏହା ସତ୍ୱେ ବି ମୁସଲମାନମାନେ ସେ ସବୁ ସହ୍ୟ କରି ଅଣଦେଖା କରି ଚାଲିଯାଉଥିଲେ ଏବଂ ସେମାନଙ୍କୁ ହଜୁର ସ:ଆ:ସଙ୍କ ଆଦେଶ ଅନୁଯାୟୀ କୌଣସି ପ୍ରକାର କ୍ଷତି ପହଂଚାଉନଥିଲେ । ***(ତଫ୍‌ସିର୍ କବୀର୍ ଖଣ୍ଡ-୨, ପୃ-୪୨୧,୪୨୨)***

ହଜ୍‌ରତ୍ ଅବୁ ଦୁଜାନା ସମ୍ପର୍କରେ ବିଖ୍ୟାତ ପ୍ରାଚ୍ୟବିଦ୍ୟାବିଶାରଦ୍ ସର୍ ଉଲିୟମ୍ ମିଓ୍ୱର ଉଲ୍ଲେକ କରିଛନ୍ତି ଯେ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ହଜୁର ସ:ଆ:ସ ନିଜର ତରବାରୀ ନେଲେ ଏବଂ କହିଲେ କିଏ ଏ ତରବାରୀକୁ ଧରି ତାହାର କର୍ତବ୍ୟ ସମ୍ପାଦନ କରିବ ? ଉମର ର:ଅ , ହଜ୍‌ରତ୍ ଜୁବୈର୍ ର:ଅଙ୍କ ପରି ଅନେକ ବଡ଼ ବଡ଼ ସାହାବାମାନେ ହଜୁର ସ:ଆ:ସଙ୍କ ତରବାରୀକୁ ଗ୍ରହଣ କରିବାପାଇଁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ ହଜୁର ସ:ଆ:ସ ସେମାନଙ୍କୁ ଉକ୍ତ ତରବାରୀ ପ୍ରଦାନ କରିନଥିଲେ ଶେଷରେ ସେ ହଜ୍‌ରତ୍ ଅବୁ ଦୁଜାନାଙ୍କୁ ତାଙ୍କ ଅନୁରୋଧ ରକ୍ଷା କରି ପ୍ରଦାନ କରିଥିଲେ । ଯାହା ମାଧ୍ୟମରେ ହଜ୍‌ରତ୍ ଅବୁ ଦୁଜାନା ଅବିଶ୍ୱାସକାରୀମାନଙ୍କ ସ୍କନ୍ଦଚ୍ୟୁତ କରିବା ଆରମ୍ଭ କରିଦେଇଥିଲେ (Life of Mahomet by sir William Muir, Pg:269 Smith Elder & Co, Water 100 Place London 1878)।

ପୁନଶ୍ଚ ସେ ଉଲ୍ଲେଖ କରିଛନ୍ତି ଯେ ମୁସଲମାନମାନଙ୍କର ଭୟଙ୍କର ଆକ୍ରମଣ ଆଗରେ ମକ୍କାବାସୀଙ୍କର ସୈନ୍ୟଦଳ ତିଷ୍ଠି ପାରିନଥିଲା । କୁରୈଶ୍‌ର ସୈନ୍ୟଦଳ ଅନେକଥର ଏହି ଚେଷ୍ଟା କରିଥିଲା ଯେ ଇସ୍‌ଲାମ୍ ସୈନ୍ୟଦଳର ବାମପାର୍ଶ୍ୱରୁ ଅତିକ୍ରମ କରି ଆକ୍ରମଣ କରିବ କିନ୍ତୁ ପ୍ରତ୍ୟେକ ଥର ମୁସଲମାନମାନଙ୍କର ପଚାଶଜଣ ଧନୁର୍ଦ୍ଧରଙ୍କର ତୀରର ଚୋଟ ଦ୍ୱାରା ଅବିଶ୍ୱାସକାରୀଙ୍କୁ ପଶ୍ଚାତପଦ ଦେବାକୁ ବାଧ ହେବାକୁ ପଡ଼ିଥିଲା । ଏହି ଧନୁର୍ଦ୍ଧରମାନଙ୍କୁ ସେହି ସ୍ଥାନରେ ହଜୁର ସ:ଆ:ସ ନିୟୋଜିତ କରିଥିଲେ । ମୁସଲମାନମାନଙ୍କ ପକ୍ଷରୁ ମଧ ଓ୍ୱହଦ ଯୁଦ୍ଧ ଭୂମିରେ ସେହିପରି ସାହାସିକତା ଓ ବିରତ୍ୱ, ପୁରୁଷତ୍ୱ ଓ ଯୁଦ୍ଧର ବିଭିଷିକାଠାରୁ ଅଭୟତା ଓ ଅପରିଚିତତା ପ୍ରଦର୍ଶନ କରାଯାଇଥିଲା । ବଦର ଅବସରରେ ସେମାନେ ଏହିପରି ସାହାସିକତା ଓ ବିରତ୍ୱ ପ୍ରଦର୍ଶନ କରିଥିଲେ । ମକ୍କାବାସୀଙ୍କ ସୈନ୍ୟଦଳର ଧାଡ଼ି ଫାଟି ବିଚ୍ଛୁରିତ ହୋଇଯାଇଥିଲା ଯେତେବେଳେ ହଜ୍‌ରତ୍ ଅବୁ ଦୁଜାନା ନିଜର ଲୌହ ମୁକୁଟ ସମେତ ରୁମାଲ ବାନ୍ଧିଲେ ଏବଂ ଅବିଶ୍ୱାସକାରୀମାନଙ୍କ ଉପରେ ଆକ୍ରମଣ କଲେ ହଜୁର ସ:ଆ:ସଙ୍କ ପ୍ରଦତ ସେହି ତରବାରୀ ମାଧ୍ୟମରେ ସେତେବେଳେ ଯୁଦ୍ଧ ଭୂମିର ଚତୁପାର୍ଶ୍ୱରେ ମୃତ୍ୟୁର ତାଣ୍ଡବ ଲୀଳା ପ୍ରସାରିତ ହୋଇଯାଇଥିଲା । ହଜ୍‌ରତ୍ ହମ୍‌ଜା ର:ଅ ଏମୁ ପକ୍ଷୀର ପରର ଚୂଳକୁ ତରଙ୍ଗାଇତ କରି ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟକ୍ଷରୂପେ ଦୃଶ୍ୟମାନ ହେଉଥିଲେ । ହଜ୍‌ରତ୍ ଅଲୀ ର:ଅ ଦୀର୍ଘ ଓ ଧବଳ ପର ସହିତ ହଜ୍‌ରତ୍ ଜୁବୈର୍ ନିଜର ଚପଳାମି ଭାଙ୍ଗରେ ଜାଜ୍ଜଲ୍ୟମାନ ହଳଦୀଆ ରଙ୍ଗର ପଗଡି ସହିତ ଦର୍ପଠାଣିରେ ଯାଉଥିଲେ ଶତ୍ରୁପାଇଁ କାଳ ଓ ଯମଦୂତ ତଥା ଚିନ୍ତାର ବାର୍ତା ଘେନି ଆଣୁଥିଲେ । ଏହା ହେଉଛି ସେହି ଦୃଶ୍ୟ ଯେଉଁଠି ପରବର୍ତୀ ଇସ୍‌ଲାମୀୟ ବିଜୟର ନାୟକମାନେ ସଂସ୍କାରିତ ହୋଇଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୪୯୦)***

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଉକ୍ତ ସମସ୍ତ ବର୍ଣ୍ଣନା ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଏପରି ଉଲ୍ଲେଖ ରହିଛି ଯାହା କି ମୁଁ ଉପରେ ଆଲୋଚନା କରିଆସିଲି ।

ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ କୁହନ୍ତି ହଜୁର ସ:ଆ:ସ ଯେତେବେଳେ ଓ୍ୱହଦ୍ ଯୁଦ୍ଧରୁ ଫେରିଲେ ସେତେବେଳେ ନିଜର ସୁପୁତ୍ରି ଫାତିମା ର:ଅଙ୍କୁ ନିଜର ତରବାରୀ ପ୍ରଦାନ କଲେ ଏବଂ କହିଲେ ହେ ପୁତ୍ରୀ ଉକ୍ତ ତରବାରୀରୁ ରକ୍ତ ପୋଛିଦିଅ । ହଜ୍‌ରତ୍ ଅଲୀ ର:ଅ ନିଜର ତରବାରୀ ଫାତିମା ର:ଅଙ୍କୁ ଦେଲେ ଏବଂ କହିଲେ, ଏଥିରୁ ରକ୍ତ ଧୋଇ ଦିଅ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆଜି ମୋର ଏହି ତରବାରୀଟି ମତେ ବହୁତ ସାହାଯ୍ୟ କରିଛି । ପ୍ରତି ଉତରରେ ହଜୁର ସ:ଆ:ସ କହିଲେ, ତୁମେ ଯଦି ଯୁଦ୍ଧ ଲଢ଼ିବାର କର୍ତବ୍ୟ ସମ୍ପାଦନ କରିଦେଇଛ ତାହେଲେ ନିଃସନ୍ଦେହ ରୂପେ ସହଲ୍ ବିନ୍ ହୁନୈଫ୍ ଏବଂ ହଜ୍‌ରତ୍ ଅବୁ ଦୁଜାନା ମଧ୍ୟ ଲଢ଼ିବାର କର୍ତବ୍ୟ ସମ୍ପାଦନ କରିଦେଇଛନ୍ତି । ଅନ୍ୟ ଏକ ବର୍ଣ୍ଣନାରେ ହଜ୍‌ରତ୍ ସହଲ୍ ବିନ୍ ହୁନୈଫ୍‌ଙ୍କ ପରିବର୍ତେ ହାରିସ୍ ବିନ୍ ସିମାଙ୍କ ନାମ ଉଲ୍ଲେଖ ରହିଛି । ***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୧୭, ସିମାକ୍ ବିନ୍ ଖର୍‌ଶା....... ଲେବ୍‌ନାନ୍ ୨୦୦୩) (ତବକାତୁଲ୍ କୁବ୍‌ରା......... ଖଣ୍ଡ-୩, ପୃ-୪୨୦, ଅବୁ ହୁଜାନାଃ......... ଲେବ୍‌ନାନ୍ ୧୯୯୦)***

ଜୈଦ୍ ବିନ୍ ଅସ୍‌ଲମ୍ ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଅବୁ ଦୁଜାନାଙ୍କ ନିକଟକୁ ଲୋକମାନେ ଆସିଲେ ସେତେବେଳେ ସେ ଅସୁସ୍ଥ ଥିଲେ କିନ୍ତୁ ତାଙ୍କର ମୂଖମଣ୍ଡଳ ଅତ୍ୟନ୍ତ ଝଟକୁଥିଲା । କେହି ଜଣେ ପଚାରିଲେ ଯେ ଆପଣଙ୍କ ଚେହେରା ଆଜି କାହିଁକି ଚମକୁଛି ? ସେ କହିଲେ ମୋର କର୍ମ ମଧ୍ୟରୁ ଦୁଇଟି ଏଭଳି କର୍ମ ଅଛି ଯାହା ମୋ ନିକଟରେ ଅତ୍ୟନ୍ତ ଓଜନିଆ ଏବଂ ସ୍ୱୀକାର ଯୋଗ୍ୟ ମନେ ହେଉଛି । ପ୍ରଥମତଃ ମୁଁ ଆଦୌଁ ଏପରି କଥା କହେନାହିଁ ଯାହାର ସମ୍ବନ୍ଧ ମୋ ସହିତ ନଥିବ । ଦ୍ୱିତୀୟତଃ ମୋ ଆତ୍ମା ମୁସଲମାନମାନଙ୍କ ପାଇଁ ସର୍ବଦା ପରିସ୍କୃତ ଅର୍ଥାତ ଖୋଲା ରହିଥାଏ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୨୦............ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଅବୁ ଦୁଜାନା ର:ଅ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ହଜୁର ସ:ଆ:ସଙ୍କ ବିୟୋଗପରେ ମୁସ୍‌ଲେମା ବିନ୍ କଜାବ୍ ନାମି ଏକ ଭଣ୍ଡ ଓ କପଟ ବିଶ୍ୱାସୀ ଯେତେବେଳେ ନବୁଓ୍ୱତର ଦାବିକରି ମଦିନା ଉପରେ ସୈନ୍ୟ ଚଢ଼ାଉ କରିଦେଇଥିଲା । ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ତାଙ୍କୁ ଦମନ କରିବାପାଇଁ ୧୨ ହିଜ୍‌ରୀରେ ଏକ ସୈନ୍ୟଦଳ ଗଠନ କରି ତା ଆଡ଼କୁ ପ୍ରେରଣ କରିଥିଲେ । ହଜ୍‌ରତ୍ ଅବୁ ଦୁଜାନା ମଧ୍ୟ ଉକ୍ତ ସୈନ୍ୟଦଳରେ ସାମିଲ ଥିଲେ, ହଜ୍‌ରତ୍ ଅବୁ ଦୁଜାନା ୟମାମା ଯୁଦ୍ଧରେ ଘମାସାନ ଯୁଦ୍ଧ ଲଢ଼ି ବୀରଗତି ପ୍ରାପ୍ତ କରିଥିଲେ । ବନୁ ହୁନୈଫା (ଆରବ୍‌ର ଏକ ପ୍ରାଚୀନ ସମ୍ପ୍ରଦାୟ ଥିଲା ଯାହାର ଏକ ବୃହତ ଅଂଶ ମୁସ୍‌ଲେମା ବିନ୍ କଜାବ୍‌ର ନେତୃତ୍ୱରେ ମଦିନାବାସୀଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଦେଇଥିଲା) । ୟମାମାରେ ଏକ ଉଦ୍ୟାନ ରହିଥିଲା ଯେଉଁ ଉଦ୍ୟାନରେ ଘେରାଉ ଅବସ୍ଥାରେ ସେ ଯୁଦ୍ଧ ଲଢୁଥିଲେ ଏବଂ ମୁସଲମାନମାନଙ୍କୁ ଭିତରକୁ ପ୍ରବେଶ କରିବାକୁ ସୁଯୋଗ ମିଳୁନଥିଲା । ହଜ୍‌ରତ୍ ଅବୁ ଦୁଜାନା ମୁସଲମାନମାନଙ୍କୁ କହିଲେ, ମତେ ତୁମେମାନେ ଉଦ୍ୟାନ ଭିତରକୁ ଟେକି ଫିଙ୍ଗି ଦିଅ । ସୁତରାଂ ମୁସଲମାନମାନେ ତାହାହିଁ କଲେ କିନ୍ତୁ ସେ ବୀପରିତ ପାର୍ଶ୍ୱରେ ପଡ଼ିବା ଯୋଗୁଁ ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା ତଥାପି ସେ ଉଦ୍ୟାନର ମୂଖ୍ୟ ଦ୍ୱାର ଆଗରେ ଲଢ଼ି ଅବିଶ୍ୱାସକାରୀମାନଙ୍କୁ ସେଠାରୁ ହଠାଇ ଦ୍ୱାର ଖୋଲି ଦେଇଥିଲେ ଯାହା ଫଳରେ ମୁସଲମାନମାନେ ଭିତରକୁ ଧସି ପ୍ରବେଶ କରିଥିଲେ । ହଜ୍‌ରତ୍ ଅବୁ ଦୁଜାନା ମୁସ୍‌ଲେମା ବିନ୍ କଜାବ୍‌କୁ ସଂହାର କରିବାରେ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ଓ ଓ୍ୱହଶି ବିନ୍ ହରବ୍‌ଙ୍କ ସହିତ ସାମିଲ ଥିଲେ ଏବଂ ୟମାମା ଯୁଦ୍ଧ ଦିନ ସେ ବୀରଗତି ପ୍ରାପ୍ତ କରିଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୧୮.......... ଲେବ୍‌ନାନ୍ ୨୦୦୩)***

ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ଅବୁଦୁଜାନା ସିଫିନ୍ ଯୁଦ୍ଧରେ । ହଜ୍‌ରତ୍ ଅଲୀଙ୍କ ପକ୍ଷରୁ ରହି ଲଢୁଥିଲେ । କିନ୍ତୁ ଉକ୍ତ ବର୍ଣ୍ଣନାଟି ଅତି ଦୁର୍ବଳ ଅଟେ ଏହାର ଅପରପକ୍ଷର ପ୍ରଥମ ବର୍ଣ୍ଣନାଟି ଅଧିକ ସଠିକ୍ ଓ ସ୍ୱୀକାର ଯୋଗ୍ୟ ମନେ ହେଉଛି ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୧୮.......... ଲେବ୍‌ନାନ୍ ୨୦୦୩)***

ଉକ୍ତ ବର୍ଣ୍ଣନାଟି ପୂର୍ବେ ମଧ୍ୟ ଆଲୋଚନା ହୋଇସାରିଛି ହଜ୍‌ରତ୍ ଅବୁ ଦୁଜାନାଙ୍କ ସମ୍ପର୍କିତ କେତେକ ଘଟଣାବଳୀର

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan